## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବେଗୁନିଆପଡ଼ା,୩୦।୬(ଡି.ଏନ.ଏ.):** ବେଗୁନିଆପଡ଼ା ଫାଣ୍ଡି କଞ୍ଚଣା ନିକଟରେ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଇକାଣୀପଲ୍ଲୀର ମହେଶ୍ୱର ସ୍ୱାଇଁ (୫୦)। ମହେଶ୍ୱର ଗାଁରୁ କଞ୍ଚଣା ମୁଖ୍ୟ ରାସ୍ତାକୁ ଆସିବାବେଳେ ପୋଖରୀ ନିକଟରେ ଭାରସାମ୍ୟ ହରାଇ ତାଙ୍କ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦ ମୃତ

**ଚିକିଟି,୩୦।୬(ଡି.ଏନ.ଏ.):** ଚିକିଟି ବ୍ଲକ୍ ସୋରଳ ପଞ୍ଚାୟତ କଇଠା ଗ୍ରାମରେ ରବିବାର ମଧ୍ୟାହ୍ନରେ ଏକ ଅଘଟଣ ଘଟିଛି। ଗ୍ରାମ ମଝିରେ ଥିବା ଗୁହାଳକୁ ପ୍ରବେଶ କରିବା ପୂର୍ବରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦଙ୍କ ମୃତ୍ୟୁ ଘଟିଛି। ବଳଦ ମାଲିକ ରୁପାଙ୍ଗ ବେହେରାଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଉକ୍ତ ଗ୍ରାମ ମଝିରେ ବସାଯାଇଥିବା ଏକ ଟ୍ରାନ୍ସଫର୍ମର ମୁକୁଳା ପଡିଛି । ବର୍ଷା ଯୋଗୁ ଏହାର ଆର୍ଥିଙ୍ଗ ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। ଚାଷ କାର୍ଯ୍ୟପରେ ବଳଦ ଦୁଇଟି ଗୁହାଳକୁ ଫେରୁଥିବାବେଳେ ଏହି ଅଘଟଣ ଘଟିଥିଲା। ଟ୍ରାନ୍ସଫର୍ମର ଚାରିପଟେ ବାଡ ଦିଆଯାଇ ନ ଥିବାରୁ ପ୍ରତି ମୁହୂର୍ତ୍ତରେ ବିପଦ ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଖଦାଳ ସମାଜ ବୈଠକ

**ଆସିକା,୩୦।୬(ଡି.ଏନ୍.ଏ.):** ଆସିକା ବ୍ଲକ ମୁନିଗାଡିସ୍ଥିତ ଉତ୍ସବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ମଧ୍ୟାହ୍ନରେ ପାଇଲିପଡା ମୁଠା ଖଦାଳ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ସହ ଭାଇଚାରା ଭାବ ନେଇ ସମସ୍ତେ ଚଳିବା ଲାଗି ଆହ୍ୱାନ କରାଯାଇଥିଲା। ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ସମାଜରେ ଝିଅମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ସାମାଜିକ ଶ୍ରୋତରେ ସାମିଲ କରିବା, ଯୌତୁକବିହୀନ ବିବାହ ପ୍ରତି ସଂକଳ୍ପବଦ୍ଧ ଏବଂ ଆସନ୍ତା ବର୍ଷଠାରୁ ସମାଜର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସମାଜର ବାର୍ଷିକ ଆୟବ୍ୟୟ ହିସାବ ପଠନ କରାଯାଇଥିଲା। ମୁଠା ସଭାପତି ବସନ୍ତ କୁମାର ନାଇକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଗରିବ ନାଇକ, ଉପସଭାପତି ବିଷାନ୍ତ ନାଇକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ମୁଠା ଅନ୍ତର୍ଗତ ୪୫ ଖଣ୍ଡ ଗ୍ରାମର ଶତାଧିକ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

**ପାତ୍ରପୁର,୩୦।୬(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ସୁନାଖଳା ଗ୍ରାମରେ ଶନିବାର ରାତିରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିବ ରଣା (୩୦)। ଦିନ ମଜୁରିଆ ଭାବେ କାମ କରୁଥିବା ଶିବ ସବୁ ଦିନ ଭଳି କାମ ସାରି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ପାଣିରେ ବୁଡ଼ିଯାଇଥିଲେ। ସେଠାରେ ଗାଧୋଉଥିବା ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ବ୍ରହ୍ମପୁର ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ସଂସ୍କାର କରାଯାଇଛି ।

### ଚକ୍ଷୁ ଚିକିତ୍ସା ଶିବିର

**ଆସିକା,୩୦।୬(ଡି.ଏନ୍.ଏ.):** ଆସିକା ବ୍ଲକ୍ କାଳଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। କାଳଷଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୨୩ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୨୮ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିବାବେଳେ ୪୫ଜଣଙ୍କ ଚକ୍ଷୁ ଅପରେଶନ ଲାଗି ଚିହ୍ନଟ କରାଯାଇଥିଲା। କାଳଷଣ୍ଡପୁର ପଞ୍ଚାୟତ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ସରପଞ୍ଚ ଧନମାଳି ସିୟ, ରାମକୃଷ୍ଣ ବେହେରା, ସନ୍ତୋଷ କୁମାର ବେହେରା, ପୀତାମ୍ବର ଗୌଡ ପ୍ରମୁଖ ପରିଚାଳନା କରିଥିଲେ।

# ମହାପ୍ରଭୁ ସୁସ୍ଥ ହେବା ଖବର ଜାଣିଲେ ଗଜପତି

## ରାଜପ୍ରସାଦ ବିଜେ

**ପୁରୀ ଅଫିସ, ୩୦।୬**

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଥିଲେ ମହାପ୍ରଭୁ। ଅଣସର ଘରେ ଠାକୁରଙ୍କ ଗୁପ୍ତସେବା ଚାଲିଥିଲା। ଫୁଲୁରୀ ତେଲ ଓ ଓଷୁଅ ଲାଗି ପରେ ଏକାଦଶୀରେ ଦଶମୂଳ ମୋଦକ ଖାଇ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଦାରୁବିଗ୍ରହଙ୍କ ସୁସ୍ଥ ହେବା ଖବର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଜଣାଇଛନ୍ତି। ଏହାସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ।

ଆଷାଢ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦକୁ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୁପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢିଆରୀ ପକାଇଥିବା ପାହାଡା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଠାକୁରଙ୍କ ସୁସ୍ଥ ହେବା ଖବର ମଧ୍ୟ ଦେଇଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିମାନଙ୍କ ସହ ଆଲୋଚନା କରିଥିଲେ।



ଦଇତାପତି ସେବକମାନେ ଗଜପତି ମହାରାଜାଙ୍କୁ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଉଛନ୍ତି।

**ଆଜି ଘଣା ଲାଗି**

ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧ୍ୟରେ ରବିବାର ଘଣାକଟା ହୋଇଛି। ସୋମବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଘଣାଲାଗି କରାଯିବ। ଘଣାଲାଗି କାର୍ଯ୍ୟ ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପତିଦିଅଁଙ୍କର ମଙ୍ଗଳ ଆଳତି ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ସୋମବାର ସନ୍ଧ୍ୟା ୬ଟାରେ ଖଳି ବିଜେ ହୋଇ ରାତ୍ର ୧୦ଟା ସୁଦ୍ଧା ଘଣାଲାଗି ସରିବ। ଏହାପରେ ଜୟବିଜୟ ଦ୍ୱାର ଫିଟି ରାତ୍ର ସାଢେ ୧୦ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ବଢିବ।

■ ସ୍ନାନବେଦୀକୁ ଚଢ଼ିବା ନେଇ ବିଧାୟକଙ୍କୁ ନୋଟିସ ପ୍ରସଙ୍ଗ

# ଅନୁତାପ କରିବା ବଡ଼ କଥା: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ ଅଫିସ, ୩୦।୬**

ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ବିଶୃଙ୍ଖଳା ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ସ୍ନାନମଣ୍ଡପରେ ବ୍ୟବସ୍ଥାବଳୀ ଉଲ୍ଲଂଘନ କରିଥିବା ସେବାୟତ ଏବଂ ଅନ୍ୟମାନଙ୍କ ବିରୋଧରେ ଦ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ଦୁଇଜଣ ସେବାୟତଙ୍କୁ ସେବାରୁ ନିଲମ୍ବନ କରାଯାଇଛି। ନୋଟିସ୍ ପାଇବାର ୭ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେବା ଲାଗି ବିଧାୟକ ଷଡ଼ଙ୍ଗୀଙ୍କୁ କୁହାଯାଇଥିଲା। ତେବେ ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଜଣେ ଅନୁତାପ କରିବା ବଡ଼ କଥା।

ରବିବାର ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତିରେ ଶୃଙ୍ଖଳା ରକ୍ଷା କରିବା ହେଉଛି ଆମର ଉଦ୍ଦେଶ୍ୟ। ସମସ୍ତେ ମହାପ୍ରଭୁଙ୍କ ଭକ୍ତ। କୌଣସି ସେବକଙ୍କୁ ନିଲମ୍ବିତ କରିବା ଉଦ୍ଦେଶ୍ୟ ନୁହେଁ। ପ୍ରତିବର୍ଷ ଶୃଙ୍ଖଳା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଥାଏ। କିନ୍ତୁ ରଥଯାତ୍ରା ସରିବା ପରେ ସେବାୟତମାନେ ଏହାକୁ ଭୁଲି ଯାଇଥାନ୍ତି। ୨୦୧୮ରେ ଏହାକୁ କଡାକଡି କରାଯାଇଥିଲା। ସ୍ନାନମଣ୍ଡପରେ ବିଶୃଙ୍ଖଳା କରିଥିବା ୪୫ ଜଣ ସେବକଙ୍କୁ ପ୍ରଥମକରି ନୋଟିସ୍ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତର ରଖି ଭୁଲ୍ ହୋଇଥିବା ସ୍ୱୀକାର କରିଥିଲେ। ଅନେକ ସିସିଟିଭି ସେମାନଙ୍କ କାର୍ଯ୍ୟକଳାପ ରେକର୍ଡ କରୁଥିବା ବି ଜାଣି ନ ଥିଲେ। ଏଥର ସ୍ନାନମଣ୍ଡପରେ କିଛିଟା ବିଶୃଙ୍ଖଳା ନଜରକୁ ଆସିଥିଲା। ବିଧାୟକଙ୍କୁ ନୋଟିସ୍ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଥିଲେ, ନୋଟିସ୍‌ରେ ବିଧାୟକ ବୋଲି ଲେଖାଯାଇ ନାହିଁ। ଜୟନ୍ତ କୁମାର ଷଡ଼ଙ୍ଗୀ ବୋଲି ଉଲ୍ଲେଖ ଅଛି। ସେ ଜଗନ୍ନାଥଙ୍କ ଜଣେ ଭକ୍ତ। ଏକ ଟେଲିଭିଜନରେ ତାଙ୍କର ଭୁଲ୍ ହୋଇଛି ବୋଲି ସେ ନିଜେ ସ୍ୱୀକାର କରିଛନ୍ତି। ସେତିକି ବଡ଼ କଥା। ସେ ଉତ୍ତର ଦିଅନ୍ତୁ କି ନ ଦିଅନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ସିସିଟିଭି ଫୁଟେଜ ଆଧାରରେ ତାଙ୍କୁ ନୋଟିସ କରାଯାଇଥିଲା। ତାଙ୍କୁ ସାଥିରେ ନେଇଯାଇଥିବା ଦୁଇଜଣ ସେବାୟତଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

# ମାନବିକତା ଦେଖାଇଲେ ଆମ୍ବୁଲାନ୍ସ କର୍ମଚାରୀ

**ବରଗଡ଼ ଅଫିସ୍,୩୦।୬**

ବରଗଡ଼ ଜିଲାର ଉପାନ୍ତ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ସାନ ଜାମପାଲି ଗ୍ରାମର ଜଣେ ଗୁରୁତର ଆହତ ଭୋଲା ଦୀପଙ୍କୁ ଷ୍ଟ୍ରେଚରରେ ୩ କି.ମି ଦୂର ବୋହି ୧୦୮ ଆମ୍ବୁଲାନ୍ସର ୩ କର୍ମଚାରୀ ଅନ୍ୟମାନଙ୍କ ଦୃଷ୍ଟାନ୍ତ ସାଜିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମାନବିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

ପ୍ରକାଶ ଯେ, ଆହତ ଭୋଲା ଜାମୁକୋଳି ବିକ୍ରି କରି ନିଜ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ସେଥିପାଇଁ ସେ ରବିବାର ସନ୍ଧ୍ୟାରେ ଜାମୁକୋଳି ସଂଗ୍ରହ କରିବାକୁ ଯାଇଥିଲେ । ଜାମୁ ଗଛ ଉପରକୁ ଚଢ଼ିଥିବାବେଳେ ସେ ଗଛ ଉପରୁ ପଡ଼ି ଗୁରୁତର ଆହତ ହୋଇଥିଲେ । ତାଙ୍କ ଅଣ୍ଟା, ଗୋଡ଼, ମେରୁଦଣ୍ଡରେ ଆଘାତ ଲାଗିଥିବା ଯୋଗୁ ସେ ଘଟଣାସ୍ଥଳରୁ ଆଉ ଉଠି ପାରି ନ ଥିଲେ । ଫଳରେ ତାଙ୍କୁ ଡାକ୍ତରଖାନା ପହଞ୍ଚାଇବା ପାଇଁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଫୋନ କରିଥିଲେ । ଫୋନକଲ୍ ପାଇ ୧୦୮ ଆମ୍ବୁଲାନ୍ସ (ନଂ.ଓଡ଼ି ୦୨ ଏନ / ୭୫୭୦) ଧରି ପାଇଲଟ୍ ସରୋଜ ପାଇକ, ଆଟେଣ୍ଡାଣ୍ଟ ରିଲୁ ପଶାୟତ ଏବଂ ଫର୍ମାସିଷ୍ଟ ଅରୁଣ ଛତ୍ରିଆ ଘଟଣାସ୍ଥଳକୁ ପହଞ୍ଚିଥିଲେ । ଆମ୍ବୁଲାନ୍ସ ଯେତେଦୂର ପହଞ୍ଚିଥିଲା, ସେଠାରୁ ଆହୁରି ୩କିମି ଦୂର ଘଟଣାସ୍ଥଳ ହୋଇଥିବା ଯୋଗୁ ଉପରୋକ୍ତ ଆମ୍ବୁଲାନ୍ସ କର୍ମଚାରୀମାନେ ଷ୍ଟ୍ରେଚର ଧରି ସେଠାକୁ ପହଞ୍ଚିଥିଲେ । ଷ୍ଟ୍ରେଚରରେ ବୋହି ସେମାନେ ଆହତ ଭୋଲାଙ୍କୁ ଆମ୍ବୁଲାନ୍ସକୁ ଆଣି ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚାଇଥିଲେ ।



ଆମ୍ବୁଲାନ୍ସ କର୍ମଚାରୀ ଆହତଙ୍କୁ ଷ୍ଟ୍ରେଚରରେ ଆଣୁଛନ୍ତି ।

# ନନ୍ଦନକାନନ: ବିଲୁଆ, କଳାହଂସ ମୃତ

**ବାରଙ୍ଗ,୩୦।୬(ଡି.ଏନ୍.ଏ.)–** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ସକାଳେ ଏକ ମାଇ ବିଲୁଆ ଡାକ୍ତରଖାନାରେ ମୃତ୍ୟୁ କରିଛି। ଗତ ୨୦ତାରିଖରେ ବିଲୁଆଟି ରହୁଥିବା ୨୩ନଂ ଏନକ୍ଲୋଜର ମଧ୍ୟରେ ଅସୁସ୍ଥ ହୋଇପଡିଥିଲା। ଖବରପାଇ ଜନ୍ତୁ ବିଭାଗର କର୍ମଚାରୀମାନେ ବିଲୁଆଟିକୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ସତ୍ତ୍ୱେ ରବିବାର ସକାଳେ ମରିପଡିଥିବାର ଡାକ୍ତରଖାନା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହି ବିଲୁଆଟିକୁ ୨୦୧୫ ଡିସେମ୍ବର ୧୬ତାରିଖରେ ଏରୋଡ୍ରମ ଫିଲ୍ଡଠାରୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ଅଣାଯାଇଥିଲା। ନନ୍ଦନକାନନକୁ ଆସିବାପରଠାରୁ ବିଲୁଆଟି ବଂଶବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ବୟସ୍କାଧିକ ଯୋଗୁ ତା' ଶରୀର ରୁମ ଉପୁଡିବା ସହ ରୁଗ୍ଣ ହୋଇଯାଇଥିଲା। ବିଲୁଆର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସପାଇ ୩ରେ ପହଞ୍ଚିଛି। ସେଥିମଧ୍ୟରେ ୨ମାଈ ଓ ଗୋଟିଏ ଅଣ୍ଡିରା ରହିଛି। ସେହିଭଳି ବିହଙ୍ଗସରଣୀର ୭୫ ବି ଏନକ୍ଲୋଜର ରବିବାର ସକାଳେ ପାଣିରେ ଏକ କଳାହଂସ ମରି ଭାସୁଥିବାର କର୍ମଚାରୀମାନେ ଦେଖି ଉଦ୍ଧାର କରିଛନ୍ତି। ତେବେ ଏହି ପକ୍ଷୀର ମୃତ୍ୟୁର କାରଣ ଜଣାପଡି ନଥିବାବେଳେ କଳାହଂସ ସଂଖ୍ୟା ହ୍ରାସ ପାଇଁ ୨ରେ ପହଞ୍ଚିଛି।

■ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ଚାଲିଛି ଘରୋଇ ସ୍କୁଲ

# ଭିତ୍ତିଭୂମି ନ ଥାଇ ମିଳୁଛି ଏନ୍‌ଓସି

**କାଶୀନଗର, ୩୦।୬ (ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ୍ ଓ ଏନ୍‌ଏସିରେ ସଂଖ୍ୟାଧିକ ଘରୋଇ ସ୍କୁଲ ଗଢ଼ିଉଠିଛି। କିନ୍ତୁ ଅଧିକାଂଶ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଏବଂ ତାଲିମ୍‌ପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ନ ଥିବା ଜଣାପଡ଼ିଛି। ଭିତ୍ତିଭୂମି ନ ଥାଇ ଘରୋଇ ସ୍କୁଲ କିଭଳି ଏନ୍‌ଓସି ହାସଲ କରୁଛନ୍ତି ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ ଏନ୍‌ଓସି ରହିଥିଲେ ମଧ୍ୟ ଡିଇଓଙ୍କ ପକ୍ଷରୁ ମଞ୍ଜୁରୀ ପ୍ରମାଣପତ୍ର ମିଳିନାହିଁ। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା କିପରି ମିଳିବ, ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତି ବିଦ୍ୟାଳୟରେ ପାଚେରି ଘେରା ଜମି ରହିବା ଆବଶ୍ୟକ। ଏହାସହ ୨୪ ଇଞ୍ଚ ଦୈର୍ଘ୍ୟ ଓ ୧୮ ଇଞ୍ଚ ପ୍ରସ୍ଥର ଶ୍ରେଣୀଗୃହ, ବାରଣ୍ଡା, ଅଫିସ୍ ରୁମ୍, ଷ୍ଟାଫ୍ ରୁମ୍, ବିଦ୍ୟୁତିକରଣ, ଖେଳ ପଡ଼ିଆ ଓ ପାଠାଗାର, ସେଥିରେ ଛାତ୍ରୀଛାତ୍ରଙ୍କ ପାଇଁ ଉପଯୋଗୀ ପୁସ୍ତକ, ବିଜ୍ଞାନାଗାର, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ପାଇଁ ପୃଥକ ଶୌଚାଳୟ ଓ ପରିସ୍ରାଗାରର ବ୍ୟବସ୍ଥା ରହିବା ଆବଶ୍ୟକ। ସେହିପରି ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲେ କୌଣସି ବିଦ୍ୟାଳୟକୁ ସ୍ୱୀକୃତି ଦିଆଯାଇ ପାରିବ ନାହିଁ। ସରକାର ଏବେ ଏସବୁ ସର୍ତ୍ତ ସହ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଶିକ୍ଷୟିତ୍ରୀ, ଶିକ୍ଷକ ହିଁ ଘରୋଇ ସ୍କୁଲରେ ଚାକିରି କରିପାରିବେ ବୋଲି ନୂଆ ସର୍ତ୍ତ ଯୋଡ଼ିଛନ୍ତି। ଏହି ସମସ୍ତ ସର୍ତ୍ତ ପୂରଣ କରୁ ନ ଥିବା ଯୋଗୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବହୁ ଘରୋଇ ସ୍କୁଲକୁ ବନ୍ଦ କରାଯାଇଥିବାବେଳେ ସେହି ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ଭର୍ତ୍ତି କରିବା ପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର ଗଜପତି ଜିଲା ପ୍ରଶାସନ ଏଯାବତ୍ ଏଭଳି କୌଣସି ପଦକ୍ଷେପ ନେଇନାହିଁ। କାଶୀନଗର ବ୍ଲକ୍ ଓ ଏନ୍‌ଏସିରେ ୧୭ଟି ଘରୋଇ ସ୍କୁଲ ଓ କଲେଜ୍ ଇଂରାଜୀ ମାଧ୍ୟମ ସ୍କୁଲ ଚାଲୁଥିଲା। କେ. ସୀତାପୁରରେ ରହିଥିବା ଜ୍ଞାନଜ୍ୟୋତି ସ୍କୁଲ ବନ୍ଦ ହେବା ପରେ ଏବେ ୧୬ଟି ସ୍କୁଲ ଚାଲିଛି। କିନ୍ତୁ ସରକାରୀ ଗାଇଡ୍‌ଲାଇନ୍‌କୁ ମାନିବା ପାଇଁ ଅଧିକାଂଶ ସ୍କୁଲ କର୍ତ୍ତୃପକ୍ଷଙ୍କ ଆଗ୍ରହ ନ ଥିବା ଅଭିଯୋଗ ହେଉଛି। ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ୍ୟ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ସ୍କୁଲଗୁଡ଼ିକରେ ଶିକ୍ଷକତା କରୁଥିବା ଚର୍ଚ୍ଚା ହେଉଛି। ଜିଲାପାଳ ଓ ଜିଲା ଶିକ୍ଷାଧିକାରୀ ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି ।

# ବ୍ରିଟିଶ ଅମଳର ବିଦ୍ରୋହକୁ ମନେପକାଇଲେ ସାନ୍ତାଳୀ

**ଦାମନଯୋଡ଼ି,୩୦।୬(ଡି.ଏନ୍.ଏ.)**

ଦାମନଯୋଡ଼ି ସ୍ଥିତ ସାନ୍ତାଳି ସାଂସ୍କୃତିକ ସଂଘ ପକ୍ଷରୁ ରବିବାର ସାନ୍ତାଳି ବିଦ୍ରୋହ ଦିବସ ପାଳିତ ହୋଇଛି। ୧୮୫୫ ଜୁନ୍ ୩୦ରେ ଏହି ବିଦ୍ରୋହ ଆରମ୍ଭ ହୋଇ ୧୮୫୬ରେ ସମାପ୍ତ ହୋଇଥିଲା। ଏଥିରେ ମୁଖ୍ୟ ଭୂମିକା ନେଇଥିଲେ ସିଦ ମୁର୍ମୁ ଓ କାହ୍ନୁ ମୁର୍ମୁ। ଏହା ସେତେବେଳର ବିହାର ଓ ବର୍ତ୍ତମାନର ଝାଡ଼ଖଣ୍ଡର ଭଗନାଡିହ ଗ୍ରାମରୁ ଆରମ୍ଭ ହୋଇଥିଲା। ଇଂରେଜଙ୍କ ଅତ୍ୟାଚାର, ଜମିଦାରୀ ପ୍ରଥା, ଜବରଦଖଲ, ଅତ୍ୟଧିକ ଖଜଣା ଆଦାୟ ବିରୋଧରେ ଏହି ପ୍ରତିବାଦ କରାଯାଇଥିଲା। ଏଥିରେ ହଜାର ହଜାର ସାନ୍ତାଳି ଶହୀଦ ହୋଇଥିଲେ। ଶେଷରେ ଇଂରେଜମାନେ ହାର୍ ମାନିଥିଲେ ଓ ସେତେବେଳର ଗଭର୍ନର ଲର୍ଡ ଡେଲହାଉସି ସାନ୍ତାଳିମାନଙ୍କ ସମସ୍ତ ଦାବି ମାନି ନେଇଥିଲେ। ଏହାପରେ ୧୮୫୭ରେ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା। ରବିବାର ଏହି ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଘ ସଭାପତି ଲାଲମୋହନ ମାର୍ଣ୍ଡି, ସମ୍ପାଦକ ଭାଜା ମାର୍ଣ୍ଡି, ଗ୍ରାମ ମୁଖିଆ ସାକିଲା ମାଝି, ଧୀରେନ୍ଦ୍ର କୁମାର ହାଁସଦା, ରାଇମୋହନ ଟୁଡୁ ପରିଚାଳନା କରିଥିଲେ।



ସାନ୍ତାଳୀ ବିଦ୍ରୋହ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ଆନ୍ଧ୍ରକୁ ଚୋରା ଚାଲାଣ ହେଉଛି କିରୋସିନ

**ପଟ୍ଟାଙ୍ଗି,୩୦।୬(ଡି.ଏନ୍.ଏ.)**

କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳରୁ ପ୍ରତ୍ୟେକ ଦିନ ଶହ ଶହ ଲିଟର କିରୋସିନ ଚୋରା ଚାଲାଣ ହୋଇ ସୀମାନ୍ତ ଆନ୍ଧ୍ରକୁ ଯାଉଛି। ଗରିବଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ଏହି କିରୋସିନ ଆନ୍ଧ୍ରରେ ଲିଟର ପିଛା ୬୫ ଟଙ୍କାରେ ବିକ୍ରି ହେଉଛି। ତେଲର ଏଭଳି କଳାବଜାରି ଖୋଲାଖୋଲି ଚାଲିଥିଲେ ମଧ୍ୟ ଯୋଗାଣ ବିଭାଗ ଏହା ଉପରେ ଅଙ୍କୁଶ ନ ଲଗାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଆନ୍ଧ୍ରର ବିଜୟନଗରମ ଜିଲା ସାଲୁର ବ୍ଲକର ୨ଟି ଅଟୋ (ଏପି୩୫ ଏକ୍ସ ୯୮୩୪ ଏବଂ ଏପି୩୯ ଏକ୍ସ ୨୬୫୨) ୬ଟି ବ୍ୟାରେଲ ଭର୍ତ୍ତି କିରୋସିନ୍ ନେଇ ସେମିଳିଗୁଡ଼ା ବ୍ଲକରୁ ନିଜ ଅଞ୍ଚଳକୁ ଯାଉଥିଲା। ପଟ୍ଟାଙ୍ଗି ବ୍ଲକ ସର୍ଗିଗୁଡ଼ା ରାସ୍ତା ତଥା ବାଲିଘାଟ ଛକ ନିକଟରେ କେତେକ ଦଲାଲ ଅଟୋଗୁଡ଼ିକୁ ଅଟକାଇ ସେମାନଙ୍କ ସହ ସଲାସୁତରା କରିଥିଲେ। ପରେ ସେହି ଅଟୋ ପଟ୍ଟାଙ୍ଗି ସଦର ଗାଙ୍ଗମ୍ମା ମନ୍ଦିର ଅତିକ୍ରମ କରୁଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଅଟକାଇ ଦେଖିଥିଲେ ଯେ ପ୍ରତ୍ୟେକ ବ୍ୟାରେଲରେ ମାତ୍ର ୫୫ ଲିଟର କିରୋସିନ୍ ରହିଛି। ଡ୍ରାଇଭର କେ. ରାମୁ ଓ ଆର୍. ରାଜୁଙ୍କୁ ଏ ସମ୍ପର୍କରେ ପଚରାଉଚରା ବେଳେ ଦଲାଲମାନେ ପୁଣି ସେଠାରେ ପହଞ୍ଚି ଅଟୋ ଛାଡ଼ିଦେବା ପାଇଁ କହିଥିଲେ। ଗଣମାଧ୍ୟମ ପ୍ରତିନିଧି ପ୍ରତିବାଦ କରିବାରୁ 'କଣ କରିବାର ଅଛି କର' କହି ଦଲାଲମାନେ ଅଟୋକୁ ବାଟ କଢ଼ାଇ ସେଠାରୁ ଖସାଇ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ପୋଲିସକୁ ଖବର ଦେବା ପରେ ଥାନା ଦାୟିତ୍ୱରେ ଥିବା ଏସ୍‌ଆଇ ବିନୟ କୁମାର ରୟ କହିଥିଲେ, ଉପରୋକ୍ତ ଦୁଇ ଅଟୋକୁ ଜବତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଖୁବ୍ ଶୀଘ୍ର ଧରାଯିବ।

**ଯୋଗାଣ ବିଭାଗ ନୀରବ**

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

**ଢେଙ୍କିକୋଟ, ୩୦।୬(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାରୁପାଟ ପଞ୍ଚାୟତ ରୁଟିଶିଳା ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସାରୁପାଟ ଗ୍ରାମର ଗୋବର୍ଦ୍ଧନ ନାଏକ(୫୫)। ରବିବାର ସକାଳୁ ସେ ଶୌଚପାଇଁ ଗ୍ରାମ ନିକଟସ୍ଥ ପୋଖରୀକୁ ଯାଇଥିଲେ। ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ସେ ସେଠାରେ ପଡ଼ି ଯାଇଥଲେ। ଗ୍ରାମବାସୀ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇ ତୁରନ୍ତ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା କନଷ୍ଟେବଲ ସୁଶିଲ ମହାନ୍ତ, ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଆନନ୍ଦପୁର, ୩୦।୬(ସ୍ୱ.ପ୍ର.)-** ଘସିପୁରା ବ୍ଲକ ଗଡବାନ୍ଧଗୋଡା ନୀଳକଣ୍ଠେଶ୍ୱର ମହାଦେବଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନସିକଧାରୀମାନେ ଗ୍ରାମ ପୋଖରୀରୁ ଜଳ କଳସ ଆଣି ମନ୍ଦିରରେ ସ୍ଥାପନା କରିଥିଲେ। ପରେ ଯଥାରୀତି ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଗ୍ରାମର ରମେଶ ଚକ୍ର ଏବଂ ତାଙ୍କ ପତ୍ନୀ ସରସ୍ୱତୀ ଚକ୍ର ଯଜ୍ଞପୂଜାରେ ସଙ୍କଳ୍ପ କରିଥିଲେ। ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଗୀତାପାଠ ଆଦି କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପୂଜକ ଅମରେଶ ମିଶ୍ର, ଗୋବିନ୍ଦ ପଣ୍ଡା, ରାକେଶ ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଭକ୍ତମାନଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାମଚନ୍ଦ୍ର ଚକ୍ର, ସୂର୍ଯ୍ୟକାନ୍ତ ପାତ୍ର, ଦେବାଶିଷ ପାତ୍ର, ସୁଶାନ୍ତ ବିଶ୍ୱାଳ, ଜୟନ୍ତ ଗାନ୍ଧୀ ବିଶ୍ୱାଳଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉଦ୍ୟାନ ଭିତରେ ଶୌଚାଳୟ ନିର୍ମାଣ

**କେନ୍ଦୁଝର, ୩୦।୬(ଡି.ଏନ.ଏ.)-** କେନ୍ଦୁଝର ସହରର ଲାବଣ୍ୟଛକ ସର୍କିଟ ହାଉସ ରାସ୍ତାରେ ପ୍ରଶାସନ ପକ୍ଷରୁ ଏକ ପରିବେଶ ଉଦ୍ୟାନ କରାଯାଇଛି। ଏହି ଉଦ୍ୟାନରେ ବିଭିନ୍ନ ପ୍ରକାର ଗଛ ଲଗାଯିବା ସହ ଏକ ସୁନ୍ଦର ପାର୍କ ମଧ କରାଯାଇଛି। ଛୋଟ ଛୁଆଙ୍କ ଖେଳିବା ପାଇଁ ଦୋଳି ଲଗାଯାଇଛି। ଲୋକଙ୍କ ବସିବା ପାଇଁ ପିଣ୍ଡି କରାଯିବା ସହ ୱାକିଂ ପାଥ ନିର୍ମାଣ ହୋଇଛି। ପରିବେଶ ଉଦ୍ୟାନ ପୂର୍ବତନ ଜିଲାପାଳ ଡ ଏନ.ତିରୁମାଲ୍ଲା ନାୟକଙ୍କ ସମୟରେ କରାଯାଇଥିବାବେଳେ ଏହା ଉଦ୍‌ଘାଟନ ନ ହୋଇ ବନ୍ଦ ରହିଥିଲା। ସହରର ମୁଖ୍ୟସ୍ଥଳରେ ପରିବେଶ ଉଦ୍ୟାନ ଲୋକଙ୍କ ଆମୋଦ ପ୍ରମୋଦରେ ବେଶ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। ମାତ୍ର ପରିବେଶ ଉଦ୍ୟାନରେ ପୌରପାଳିକା ପକ୍ଷରୁ ଗଛଲତା ନଷ୍ଟ କରି ଏକ ଶୌଚାଳୟ ନିର୍ମାଣ ଚାଲିଛି। ପ୍ରଶାସନ କିପରି ପରିବେଶ ଉଦ୍ୟାନ ଭିତରେ ସୌନ୍ଦର୍ଯ୍ୟ ନଷ୍ଟ କରି ଏକ ଶୌଚାଳୟ ନିର୍ମାଣ କରିବାକୁ ଅନୁମତି ଦେଲା ତାହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି। ବସଷ୍ଟାଣ୍ଡ ନିକଟରେ ପୌରପାଳିକା ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଉଥିବାବେଳେ ପରିବେଶ ଉଦ୍ୟାନ ଭିତରେ ଶୌଚାଳୟ ପାଇଁ କିଏ ଅନୁମତି ଦେଲା ତାହାକୁ ନେଇ ଚର୍ଚ୍ଚା ହେଉଛି। ଜିଲାପାଳ ତୁରନ୍ତ ପରିବେଶ ଉଦ୍ୟାନର ସୁରକ୍ଷା ପାଇଁ ଶୌଚାଳୟ ବନ୍ଦ କରିବାକୁ ଦାବି ହୋଇଛି। କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନାଙ୍କୁ ପଚାରିବାରୁ ଶୌଚାଳୟ ନିର୍ମାଣ ନିମନ୍ତେ ସହରରେ ଠିକ୍ ଜାଗା ପାଇଲୁ ନାହିଁ। ଶୌଚାଳୟ ନିତାନ୍ତ ଅପରିହାର୍ଯ୍ୟ ଅଟେ। ଶୌଚାଳୟ ନିର୍ମାଣ ଯୋଗୁ ଉଦ୍ୟାନର କୌଣସି କ୍ଷତି ହେବ ନାହିଁ ବୋଲି ସେ କହିଥିଲେ।

# ଅବାଧରେ ଚାଲିଛି ମୋରମ ଚୋରା ଚାଲାଣ

■ ଜରିମାନା ଆଦାୟ କରି ପ୍ରଶାସନ ନୀରବ
■ ଉଜୁଡ଼ି ଯାଉଛି ଭୂପ୍ରକୃତି, ପରିବେଶ

**ହାଟଡିହୀ,୩୦।୬(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ତହସିଲ ଇଲାକାରେ ବେଆଇନ ଭାବେ ଅନେକ ମୋରମ ଖାଦାନ ଚାଲିଛି। ଏସବୁ ଖାଦାନରୁ ଜେସିବି ମେଶିନ ସାହାଯ୍ୟରେ ମୋରମ ଖୋଳାଯାଇ ବାହାରକୁ ଟ୍ରକ ଓ ଟ୍ରାକ୍ଟରରେ ଚୋରାରେ ଚାଲାଣ କରାଯାଉଛି। ଏହାକୁ ରୋକିବା ଦିଗରେ ତହସିଲ ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ରାଜସ୍ୱ ଆଦାୟ ଆଳରେ ଜରିମାନା ସଂଗ୍ରହ କରି ଛାଡି ଦେଉଥିବାରୁ ମୋରମ ଚୋରା ଚାଲାଣ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି।

ବେଆଇନ ମୋରମ ଖାଦାନ ଯୋଗୁ ଭୂପ୍ରକୃତି ନଷ୍ଟ ହେବା ଯୋଗୁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ରାସ୍ତା ଆଦି ନିର୍ମାଣ କାର୍ଯ୍ୟ ଲାଗି ମୋରମର ଚାହିଦା ଥିବାରୁ ବେପାରୀମାନେ ଅବାଧରେ ଏହାକୁ ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। କେତେକ ସ୍ଥାନୀୟ ରାଜନେତା ପ୍ରଶାସନ ଉପରେ ଚାପ ପକାଇ ଏହି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ପ୍ରଶାସନ କାଁଭାଁ ଲୋକଦେଖାଣିଆ ଚଢାଉ କରୁଥିଲେ ବି ଏଥିରୁ କୌଣସି ସୁଫଳ ମିଳୁ ନାହିଁ । ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି।

ଏହି ତହସିଲ ଅଧୀନ ପଢିଆରୀପଲୀ ପଞ୍ଚାୟତ ଅଞ୍ଚଳରେ ଖାତା ନଂ ଦୁଇଟି ସ୍ଥାନରୁ ବେନିୟମ ଭାବେ ମୋରମ ଖୋଳି ବାହାରକୁ ଚୋରା ଚାଲାଣ ହେଉଥିବା ଜଣାପଡିଛି। ସ୍ଥାନୀୟ ସୋସୋ ଆରଆଇ ମନୋଜ ସାହୁ ଏ ସମ୍ପର୍କରେ ଚିଠି ନଂ ୧୪୩/ତା୨୪।୬।୨୦୧୯ରିଖରେ ହାଟଡିହୀ ତହସିଲକୁ ରିପୋର୍ଟ କରିଥିବା ଜଣାପଡିଛି। ଏଥିରେ ରାଜନେତାଙ୍କ ସମ୍ପୃକ୍ତି ଥିବା ଦର୍ଶାଯାଇଛି। ଏସମ୍ପର୍କରେ ଆରଆଇ ସାହୁଙ୍କୁ ପଚାରିବାରୁ ସେ ବେନିୟମ ମୋରମ ଖୋଳା ଏବଂ ଚାଲାଣ ନେଇ ତଦନ୍ତ କରି ରିପୋର୍ଟ ଦେଇଥିବା କହିଛନ୍ତି। ସେ ଘଟଣାସ୍ଥଳକୁ ଯାଇଥିବା ବେଳେ ଦୁଇଟି ଜେସିବି ମେଶିନ ସାହାଯ୍ୟରେ ମୋରମ ଖୋଳା ଯାଇଥିବା ସୂଚନା ପାଇଥିବା କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରୁ ମୋରମ ଚୋରା ଚାଲାଣ ରୋକିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

# ■ ସଂଯୋଗ ରାସ୍ତା ପାଇଁ ହୋଇପାରୁନି ଜମି ଅଧିଗ୍ରହଣ

# କାମରେ ଲାଗୁନି ବୈତରଣୀ ପୋଲ



ବୈତରଣୀ ନଦୀ ଉପରେ ନିର୍ମାଣ ହୋଇଥିବା ପୋଲ।

**ଚମ୍ପୁଆ, ୩୦।୬(ଡି.ଏନ.ଏ.)**

ଉପାନ୍ତ ଅଞ୍ଚଳ କୁଟାରୀପଶି ପଞ୍ଚାୟତବାସୀଙ୍କ ଗମନାଗମନ ସୁବିଧା ପାଇଁ ନିର୍ମିତ ପୋଲ କାମରେ ଲାଗୁନାହିଁ। ଫଳରେ ପଞ୍ଚାୟତବାସୀଙ୍କ ଦୁଃଖ କମିବା ବଦଳରେ ବଢ଼ିବାରେ ଲାଗିଛି। ପୋଲ ନିର୍ମାଣ ସରିଯାଇଥିଲେ ମଧ ସଂଯୋଗ ରାସ୍ତା ନିର୍ମାଣ ହୋଇ ପାରୁନାହିଁ। ଜମି ଅଧିଗ୍ରହଣ ହୋଇପାରି ନ ଥିବାରୁ ସଂଯୋଗ ସଡ଼କ ନିର୍ମାଣରେ ବିଳମ୍ବ ହେଉଥିବା ଜଣାପଡିଛି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକର ପୁରୁଷୋତ୍ତମପୁର, କଙ୍କଡାପାଟ, କୁଟାରୀପଶି, ନୟାକୃଷ୍ଣପୁର ଓ କୁଦାପିକୁ ନେଇ କୁଟାରୀପଶି ପଞ୍ଚାୟତ ଗଠନ ହୋଇଥିବା ବେଳେ ଗାଁ ଲୋକେ ମୁଖ୍ୟାଳୟକୁ ପ୍ରାୟ ୧୫ କି.ମି. ଝାଡଖଣ୍ଡ ଦେଇ ବୁଲିବାକୁ ପଡୁଥିଲା। କେବଳ ବୈତରଣୀ ନଦୀ ଏହି ପଞ୍ଚାୟତକୁ ବିଚ୍ଛିନ୍ନ କରି ରଖିଥିବା ବେଳେ ବ୍ଲକ ମୁଖ୍ୟାଳୟରୁ ବର୍ଷାଦିନେ ଏହା ଏକପ୍ରକାର ବିଚ୍ଛିନ୍ନ ହୋଇଯାଉଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗମନାଗମନ ସୁବିଧା ନିମନ୍ତେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାରେ ବୈତରଣୀ ନଦୀ ଉପରେ ପୋଲ ନିର୍ମାଣ କରାଯାଇଛି। ପୋଲ ନିର୍ମାଣର ବର୍ଷେ ପୂରିବାକୁ ବସିଥିଲେ ମଧ ସଂଯୋଗୀ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଏକ ପାର୍ଶ୍ୱରେ ବେସରକାରୀ ଜମିରହିଥିବାରୁ ବିଭାଗ ପକ୍ଷରୁ ସଂଯୋଗୀ ରାସ୍ତା କରାଯାଇପାରୁ ନ ଥିବାବେଳେ ଆରମ୍ଭ ହୋଇଯାଇଥିବା ବର୍ଷାଦିନ ଯୋଗୁ ଏହି ପଞ୍ଚାୟତ ବିଚ୍ଛିନ୍ନ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ପ୍ରମୁଖ ସେବା ପାଇଁ ଉପଖଣ୍ଡ ମୁଖ୍ୟାଳୟ ଉପରେ ନିର୍ଭର କରୁଥିବା ଏହି ପଞ୍ଚାୟତର ଦୁଃଖ ବଢିବାରେ ଲାଗିଛି। ବିଶେଷ ଭାବେ ସ୍ୱାସ୍ଥ୍ୟ ସେବାପାଇଁ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରିଆସୁଥିବା ଏହି ପଞ୍ଚାୟତବାସୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

# ‘କଳା, ସାହିତ୍ୟର ପ୍ରଭାବ ପରିବର୍ତ୍ତନ ଆଣେ’

**ହାଟଡିହୀ, ୩୦।୬(ଡି.ଏନ୍.ଏ.)**

କଳା, ସଂସ୍କୃତି ଓ ସାହିତ୍ୟ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସମ୍ଭବ । ଏଭଳି ବିଶ୍ୱାସ ରଖି କଳା ଓ ସାହିତ୍ୟର ପ୍ରଚାର ପ୍ରସାର ଲାଗି ସେ କାର୍ଯ୍ୟ କରି ଆସୁଛନ୍ତି। ଶିକ୍ଷକତା ବୃତ୍ତି ନିଭାଇବା ପରେ ପାଲା ଗାୟନ, ପ୍ରବଚନ ଦେବା ଓ ସାହିତ୍ୟ ସାଧନା ଜାରି ରଖି ସେ ଅନେକ ପ୍ରଶଂସା ଓ ପୁରସ୍କାର ସାଉଣ୍ଟିଛନ୍ତି। ବର୍ତ୍ତମାନର ଯୁବ ପିଢି ଅପଚିନ୍ତାରୁ ଦୂରେଇ ରହି କଳାସଂସ୍କୃତି ପ୍ରତି ଅନୁରକ୍ତି ରଖି ସମାଜ କଲ୍ୟାଣ ଲାଗି କାର୍ଯ୍ୟ କଲେ ସ୍ଥିତି ବଦଳିଯିବ ବୋଲି ବିଶିଷ୍ଟ ସାରସ୍ୱତ ପ୍ରତିଭା ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି।

ଜଣେ ସାଦାସିଧା ମଣିଷ ଭାବେ ଜୀବନ ଯାପନ କରି ଗୋବିନ୍ଦଚନ୍ଦ୍ର ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡଅଁର ସତ୍ୟ ନଗରରେ ସେ ରହୁଛନ୍ତି। ପୈତୃକ ଘର ସୋସୋ ଥାନା ଅଧୀନ ମୌଦା ଗ୍ରାମରେ। ମାତା କ୍ଷେତ୍ରମଣୀ ଓ ପିତା ନବକିଶୋର । ଗୋବିନ୍ଦଚନ୍ଦ୍ର କହନ୍ତି, ପିଲାଦିନେ କଳା ଓ ସାହିତ୍ୟ ତାଙ୍କ ଜୀବନକୁ ପ୍ରଭାବିତ କରିଥିଲା। ଉଚ୍ଚଶିକ୍ଷା ଲାଭ ପରେ ୧୯୭୫ରେ ସେ ଡଅଁର ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ସାହିତ୍ୟ ସାଧନା ଜାରି ରଖିବା ସହ ପାଲା ସଂସ୍କୃତିର ପ୍ରସାର ଲାଗି ୧୯୭୦ରୁ ସେ ପାଲା ଗାୟନ ଆରମ୍ଭ କରିଥିଲେ। ପରେ ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରିବା ସହ ରେଡିଓ ଓ ଟିଭି ଚ୍ୟାନେଲରେ ମଧ୍ୟ ପାଲା ପରିବେଷଣ କରିଛନ୍ତି। ଏଥି ସକାଶେ ଗାୟକ ବାଗୀଶ, ଗାୟକ କୋକିଳ, ଗାୟକ ରତ୍ନ, ଗାୟକ ବିଦ୍ୟା ବାଚସ୍ପତି ଭଳି ବିଭିନ୍ନ ଉପାଧି ଏବଂ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ, କଟକ ଭଞ୍ଜ ପ୍ରତିଭା ସମ୍ମାନ, କୋଣାର୍କ ନାଟ୍ୟ ମଣ୍ଡପ, ସେଣ୍ଟର ଫର୍ ଡ୍ରାମା, ନୂଆଦିଲ୍ଲୀ ସମ୍ମାନ, ଭଞ୍ଜ ସାହିତ୍ୟ ସମ୍ମାନ ଲାଭ କରିଛନ୍ତି। ଓଡିଶା ସଙ୍ଗୀତ ନାଟକ ଏକାଡେମୀ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଓ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ମଧ ମାନପତ୍ର ପାଇଛନ୍ତି। ୨୦୦୦ରେ ଦିଲ୍ଲୀ ଓ ୨୦୦୯ ଆନ୍ଧ୍ରରେ ହିନ୍ଦୀ ଓ ଇଂରାଜୀରେ ପାଲା ଗାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ତାଙ୍କ ରଚିତ ତ୍ରିଧାରା,ଏମାନେ ବିଚିତ୍ର ପିଲା, ମିଠାକଥା, ଗପ ସିନ୍ଦୁକ ଆଦି ପୁସ୍ତକ ପ୍ରକାଶିତ ହୋଇଛି। ମିଠା କଥା ଓ ଗପ ସିନ୍ଦୁକ ରାଜ୍ୟ ଶ୍ରୀ ରାମକୃଷ୍ଣ ଲାଇବ୍ରେରୀ ଦ୍ୱାରା ସଂଗୃହୀତ ହୋଇଛି। ଉତ୍ତରପ୍ରଦେଶ ଗୋରଖପୁରରୁ ଇଂରାଜୀରେ ପ୍ରକାଶିତ ଆନ୍ତର୍ଜାତିକ ପତ୍ରିକା ‘ଦି କଲ୍ୟାଣ କଳ୍ପତରୁ’ରେ ତାଙ୍କ କବିତା ପ୍ରକାଶ ପାଇଛି। ଏହାଛଡା ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡିତ ରହି ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଛନ୍ତି। ୩ ପୁଅ, ୨ ବୋହୂ, ନାତି , ନାତୁଣୀ ଓ ପତ୍ନୀଙ୍କୁ ନେଇ ଗୋବିନ୍ଦଙ୍କ ପରିବାର। ସେମାନେ ସମସ୍ତେ ତାଙ୍କୁ ସୃଜନଶୀଳ କାର୍ଯ୍ୟ ଲାଗି ଉତ୍ସାହିତ କରୁଥିବା ସେ କହିଛନ୍ତି।



ସ୍ତ୍ରୀଙ୍କ ସହ ସାରସ୍ୱତ ପ୍ରତିଭା ଗୋବିନ୍ଦ।

# ସ୍ମୃତି ରକ୍ଷା ପାଇଁ ଗଛ ଲଗାଇଲେ

**ଆନନ୍ଦପୁର, ୩୦।୬(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବାରିଗାଁ ଗ୍ରାମର ଶିବ ଶଙ୍କର ପ୍ରସାଦଙ୍କ ପ୍ରଥମ ଶ୍ରାଦ୍ଧଦିବସ ଉପଲକ୍ଷେ ମା’ ଧନେଇ ଯୁବକ ସଂଘ ଦ୍ୱାରା ଚାରାରୋପଣ କାର୍ଯ୍ୟ କରାଯାଇଛି। ସ୍ଥାନୀୟ ସତ୍ୟ ନାରାୟଣ ପାଲାମଣ୍ଡପଠାରେ ସଂଘର ସଭାପତି ବିଷ୍ଣୁ ନାରାୟଣ ବାରିକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଦସ୍ୟମାନେ ଶିବ ଶଙ୍କରଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ୫ନଂ ଓ‌ାର୍ଡ଼ର ଓ‌ାର୍ଡ଼ମେମ୍ବର ବୀର ନାହାକଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ, ନାରାୟଣ ସାହୁ, ଶ୍ରୀକାନ୍ତ ସାହୁ, ନିହାର ରଞ୍ଜନ ସାହୁ, କେଶବ ଚନ୍ଦ୍ର ସାହୁ, ବିଶ୍ୱଜିତ୍ ସାହୁ, ଚିନ୍ମୟ ସାହୁ, ବଳରାମ ସାହୁ, ଅଜୟ କୁମାର ବାରିକ, ତୃପ୍ତିରଞ୍ଜନ ସେଠୀ, ମାନସ କୁମାର ସେଠୀ, ଅଜୟ କୁମାର ସାହୁ, ପ୍ରକାଶ ସାହୁ, ଶରତ ସାହୁ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ହାଟଡିହୀ ଶିକ୍ଷା କାର୍ଯ୍ୟାଳୟରେ ନାହିଁ ଶୌଚାଳୟ

**ବଡଲା, ୩୦। ୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହାଟଡିହୀ ଶିକ୍ଷା ଜିଲା କାର୍ଯ୍ୟାଳୟରେ ଶୌଚାଳୟ ନ ଥିବାରୁ ଏହାକୁ ନେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି । ଯେଉଁ ଶିକ୍ଷା କାର୍ଯ୍ୟାଳୟରେ ଶୌଚାଳୟଟିଏ ନାହିଁ ସେହି ବ୍ଲକ ଓ ଜିଲା କେତେ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକାରୀ କରୁଛି ତାହା ଏଥିରୁ ଅନୁମେୟ। ସ୍ୱଚ୍ଛ ଭାରତ ନାଁରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏଠାରେ ବ୍ଲକର ମୁଖଶାଳାରେ ଶୌଚାଳୟଟିଏ ନ ଥିବା ଜିଲାପାଳ ଓ ଜିଲାଶିକ୍ଷାଧିକାରୀଙ୍କ ଦକ୍ଷତାକୁ ପଦାରେ ପକାଇଛି। ବ୍ଲକର ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଫିସ। ଏହି କାର୍ଯ୍ୟାଳୟକୁ ଶିକ୍ଷୟିତ୍ରୀ, ମହିଳା କର୍ମଚାରୀ ଆସିଥାନ୍ତି । କିନ୍ତୁ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ କାର୍ଯ୍ୟାଳୟରେ ଶୌଚାଳୟ ନ ଥିବା ଅତ୍ୟନ୍ତ ପରିତାପର ବିଷୟ। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଶୌଚାଳୟ ପାଇଁ ଅନୁଦାନ ଯୋଗାଇଦେବାକୁ ଦାବି ହୋଇଛି।

# ଭଙ୍ଗା ଘରେ ଚାଲିଛି ଆମ ସ୍କୁଲ

**ହାଟଡିହୀ, ୩୦।୬(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟହିହୀରେ ସରକାରୀ ଯୋଜନା ଫେଲ ମାରିଛି। ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଏଥିପ୍ରତି କାହାରି ନଜର ନାହିଁ। ବାରମ୍ବାର ଅଭିଯୋଗ ପରେବି ବିଭାଗୀୟ ଅଧିକାରୀମାନେ ସବୁ ଜାଣିଶୁଣି ଚୁପ ରହୁଛନ୍ତି। ସମସ୍ୟା ସମାଧାନ ଦିଗରେ ନିଆଯାଉନି ପଦକ୍ଷେପ।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସମଣା ପଞ୍ଚାୟତ ବାରିଗାଁ ଗ୍ରାମର ଶ୍ରୀଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଭାଙ୍ଗିରୁଜି ପଡ଼ିଛି। ଅବ୍ୟବସ୍ଥାରେ ବିଦ୍ୟାଳୟଟି ଚାଲୁଛି। ପ୍ରଶାସନିକ ସ୍ତରରେ ବହୁବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁନି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୪ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ୩ଟି ଶ୍ରେଣୀଗୃହ ଓ ଗୋଟିଏ ଅଫିସ ଗୃହ ମଧ୍ୟରେ ଚାଲିଛି ବିଦ୍ୟାଳୟ। ଅଳ୍ପ ବର୍ଷାହେଲେ ୮ ଟି ଶ୍ରେଣୀର ଛାତ୍ରୀଛାତ୍ର ୩ଟି ଗୃହରେ ବସି ପାଠ ପଢୁଛନ୍ତି। ଗୃହଗୁଡ଼ିକର କାନ୍ଥ ଫାଟି ଆଁ କରିଥିବାବେଳେ କବାଟ ଝରକା ବି ନାହିଁ। ଫଟା କାନ୍ଥରେ ବିଷଧର ସାପ ବି ରହୁଛନ୍ତି। ସ୍କୁଲର ପାଚେରି ନ ଥିବାବେଳେ ରୋଷେଇ ଘର ନାହିଁ। ଅଫିସ ଗୃହରେ ରୋଷେଇ କାର୍ଯ୍ୟ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନ ଏଠି ଫସର ଫାଟିଛି। ସ୍କୁଲ ପରିସରରେ ବର୍ଷା ପାଣି ଜମିରହୁଥିବା ବେଳେ ଅନାବନା ଘାସ ଓ ଗଛରେ ପୂରି ଉଠିଛି। ପିଇବା ପାଇଁ ନଳକୂପରୁ ଦୂଷିତ ଜଳ ବାହାରୁଛି, ଯାହାକି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏପରିସ୍ଥଳେ ସ୍କୁଲ ଯିବାକୁ ଛାତ୍ରୀଛାତ୍ର ଅମଙ୍ଗ ହେଉଛନ୍ତି। ଅଭିଭାବକମାନେ ବି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କୁ ପଚାରିବାରୁ ଉଚ୍ଚ ଅଧିକାରୀ ଆସି ବିଦ୍ୟାଳୟର ସ୍ଥିତି ଦେଖିଛନ୍ତି । ଗୃହ ଅଭାବରୁ ଭଙ୍ଗା ଘରେ ଶିକ୍ଷାଦାନ ଚାଲିଛି । ହାଟଡିହୀ ଏବିଇଓ ବିନୋଦ ରାଉତ କହିଛନ୍ତି ଯେ ସମସ୍ୟାର ସୁଧାର ପାଇଁ ଯଥା ସମ୍ଭବ ପଦକ୍ଷେପ ନେବୁ।



ଅବହେଳିତ ବାରିଗାଁ ବିଦ୍ୟାଳୟ।

# ଯୌତୁକ ନିର୍ଯାତନା ଅଭିଯୋଗ

**ବଇଣ୍ଡା, ୩୦।୬(ଡି.ଏନ.ଏ.)**

ଠାକୁରଗଡ଼ ଥାନା ବନମାଳୀପୁର ଗ୍ରାମର ବବିତା ପ୍ରଧାନ(୨୮)ଙ୍କୁ ସ୍ୱାମୀ ମନୋଜ ବେହେରା, ଦେଢଶୁର ମନୁ ବେହେରା, ଯାଆ ରୀତା ବେହେରା ଓ ନୟନ ବେହେରା ଯୌତୁକ ନିର୍ଯାତନା ଦେଉଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୬୦/୧୯ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ବବିତା ୨ ବର୍ଷ ତଳେ ମନୋଜଙ୍କୁ ବିବାହ କରିଥିଲେ। ବିବାହ ପରେ ଶ୍ୱଶୁର ଏକ ଅଟୋ ଯୌତୁକ ଆଣିବା ପାଇଁ ଦାବି କରି ଆସୁଥିଲେ। ଏଥିସହ ଶାଶୁଘରେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଢେଙ୍କାନାଳ ଅଫିସ, ୩୦।୬**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଈ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ତଥା ଓଡ଼ିଆ ଅଧ୍ୟାପକ ଧର୍ମାନନ୍ଦ ପୃଷ୍ଟିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ କଲେଜ ପ୍ରତିଷ୍ଠାତା ସମ୍ପାଦକ ଶଶାଙ୍କ ଶେଖର ରଥଙ୍କ ସଭାପତିତ୍ୱ କରିଥିଲେ।

ଅଧ୍ୟାପକ ଡ.ଧର୍ମାନନ୍ଦ ପୃଷ୍ଟି ୧୯୮୪ରୁ କାର୍ଯ୍ୟରେ ଯୋଗଦେଇ ଛାତ୍ର ତଥା ଅଭିଭାବକ ମହଲରେ ବେଶ୍ ପ୍ରଶଂସିତ ହୋଇପାରିଥିଲେ। ଗୋବର୍ଦ୍ଧନ ପ୍ରଧାନ, ଭାସ୍କର ରାଉତ, କୃଷ୍ଣଚନ୍ଦ୍ର ଦାସ, ମୋହନମୁରାରି ମିଶ୍ର, କୈଳାସ ଚନ୍ଦ୍ର ରାଉତ, ଅଭୟ ରାଉତ, ପ୍ରାଣବନ୍ଧୁ ରାଉତ, ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, ପୂର୍ବତନ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ଅଧ୍ୟାପକ ଧର୍ମାନନ୍ଦଙ୍କ ନିରାମୟ ଅବସରଜୀବନ କାମନା କରିଥିଲେ। ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ ସମସ୍ତ କାର୍ଯ୍ୟକୁ ସଂଯୋଜନା କରିଥିଲେ।

# ସାଇକେଲରେ ସଚେତନତା ବାର୍ତ୍ତା

**କେନ୍ଦୁଝର, ୩୦।୬ (ସ୍ୱ.ପ୍ର.)**

ସଦର ବ୍ଲକ କାଉଁରୀକଳା ପଞ୍ଚାୟତ ଅନ୍ତର୍ଗତ ବଉଳମାଳ ଗ୍ରାମର ତୁଳସୀ ମହାନ୍ତଙ୍କ ପୁତ୍ର ଲୋକନାଥ ମହାନ୍ତ (୨୬) ସଚେତନତା ଯାତ୍ରାରେ ପୁରୀ ବହାରିଯାଇଛନ୍ତି। ଶୁକ୍ରବାର ସକାଳ ୯ଟାରୁ ଘରୁ ଜନସଚେତନତା ଯାତ୍ରାରେ ସାଇକେଲ ଯୋଗେ ବାହାରି କେନ୍ଦୁଝର ଘଟଗାଁ, ଘସିପୁରା, ଯାଜପୁର, ପାଣିକୋଇଲି ଦେଇ କଟକ ପହଞ୍ଚିଛନ୍ତି। ସେଠାରେ ରାତ୍ରିଯାପନ ପରେ ରବିବାର ସକାଳୁ ପୁରୀ ଅଭିମୁଖେ ବାହାରିଥିବା ଜଣାପଡିଛି। ସେ ପୁରୀରେ ପହଞ୍ଚି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ପୁରୀରେ ରାତ୍ରିଯାପନ କରି ପରଦିନ ସକାଳୁ ପୁଣିଥରେ ସାଇକେଲ ଯୋଗେ କେନ୍ଦୁଝର ଫେରିବେ ବୋଲି ଜଣାପଡ଼ିଛି। ଏହି ଯାତ୍ରା ସମୟରେ ଲୋକନାଥ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ତଥା ପର୍ଯ୍ୟାବରଣ ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରିଛନ୍ତି। ତାଙ୍କର ଏହି ମହତ ସଚେତନତା କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।



ଲୋକନାଥ ମହାନ୍ତ।

# ବିନା ଅନୁମତିରେ ଚାଲିଛି ପାଣି ଲୁଟ୍

**କେନ୍ଦୁଝର,୩୦।୬ (ସ୍ୱ.ପ୍ର.)**

**କୋଟି କୋଟି ଟଙ୍କା ରାଜସ୍ୱ ହାନି**

କେନ୍ଦୁଝର ଜିଲାରେ ବହୁ ଖଣି ଓ ଶିଳ୍ପ ଭୂପୃଷ୍ଠ ଏବଂ ଭୂତଳ ଜଳକୁ ଲୁଟ କରି ବ୍ୟବସାୟିକ କାମରେ ବ୍ୟବହାର କରୁଥିଲେ ହେଁ ଅନେକ ଜଳକର ଫାଙ୍କି କରୁଥିବା ଅଭିଯୋଗ ହେଉଛି। ସେହିପରି ଜିଲାରେ ବୃଦ୍ଧି ପାଉଛି ହୋଟେଲ, ଲଜ, ଗ୍ୟାରେଜ, ସର୍ଭିସିଂ ଷ୍ଟେଶନ, ଗାଡି ଶୋ ରୁମ୍, କିନ୍ତୁ ଏଭଳି ବହୁ ସଂସ୍ଥା ଅଧିକ ପରିମାଣରେ ପାଣି ବ୍ୟବହାର କରୁଥିଲେ ହେଁ ଜଳକର ଦେଉ ନ ଥିବା ଅଭିଯୋଗ ହେଉଛି । ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି । କେତେକ ସଂସ୍ଥା କମ ଜଳକର ଦେଇ ବହୁ ଗୁଣାପାଣି ବ୍ୟବହାର କରୁଥିବାରୁ ସହରରେ ଜଳ ସଙ୍କଟ ଉତ୍କଟ ହେବାକୁ ଲାଗିଛି । ଜିଲା ମୁଖ୍ୟାଳୟରେ ପ୍ରଶାସନ ନାକ ତଳେ ମଧ ବ୍ୟାପକ ଜଳକର ଫାଙ୍କି ହେଉଥିଲେ ହେଁ ଧରପଗଡ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

ସହରରେ କିଏ ବୋରୱେଲ ଖୋଳି ତ, କିଏ ପାଇପ ଲାଇନରୁ ପାଣି ନେଇ ବ୍ୟବସାୟିକ କାମରେ ବ୍ୟବହାର କରୁଛନ୍ତି। ତେବେ ବ୍ୟବସାୟିକ ଭିତ୍ତିରେ ବ୍ୟବହାର କରୁଥିବା ସଂସ୍ଥାଠାରୁ ଜଳକର ଆଦାୟ କରିବା ବ୍ୟବସ୍ଥା ରହିଛି । କେତେକେ ଅଧିକ ଜଳ ବ୍ୟବହାର କରି କମ ରାଜସ୍ୱ ଦେଇ ଲାଭବାନ ହେଉଛନ୍ତି। ବ୍ୟବହାର କରୁଥିବା ପାଣି ପମ୍ପରେ ଫ୍ଲୋ ମିଟର ଲଗାଇବା ବ୍ୟବସ୍ଥା ରହିଛି। ମିଟର ରିଡିଂ ଅନୁସାରେ ଜଳକର ଆଦାୟ ହେବା ନିୟମ ରହିଛି। କିନ୍ତୁ ମିଟର ଲଗାଯାଉ ନ ଥିବାରୁ ମନଇଚ୍ଛା ପାଣି ଟାଣି ନେଇ ବ୍ୟବହାର କରୁଥିବାରୁ ବହୁ ପାଣି ନଷ୍ଟ ହୋଇ ରାଜସ୍ୱ ହାନି ହେବା ସହ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି । ଏହାର ତଦାରଖ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ପାଇଁ ଏଭଳି ପାଣି ଚୋରି ହେଉଛି ବୋଲି ମତପ୍ରକାଶ ପାଉଛି। କେନ୍ଦୁଝର ସହରର ଜୁଡିଆ, ଧୂପଦା, ଡାଙ୍ଗରପଡା, ମାଧପୁର ଆଦି ନିକଟରେ ବହୁ ଦୁଇ, ଚାରି ଚକିଆ ଓ ଟ୍ରକ ଶୋ ରୁମ୍, ମୋଟର ଗ୍ୟାରେଜ, ସର୍ଭିସିଂ ଷ୍ଟେଶନ ଆଦି ରହିଛି। ମାଲିକମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ କରୁଥିଲେ ହେଁ ଜଳକର ଦେଉନାହାନ୍ତି। ଏକ ସ୍ୱତନ୍ତ୍ର ଟିମ ଗଠନ କରି ଧରପଗଡ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ସଦର ତହସିଲଦାର ପ୍ରକାଶ ବେହେରାଙ୍କୁ ପଚାରିବାରୁ ସେ ଏବିଷୟରେ ଅବଗତ ନ ଥିଲେ । ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ପରଜଙ୍ଗ, ୩୦।୬(ଡି.ଏନ.ଏ.)-** ପରଜଙ୍ଗ ଥାନା ହାତୀଲୁଚାଣି ଗ୍ରାମର ବାବୁଲି ପାତ୍ର ରବିବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ପ୍ରାଣ ହରାଇଛନ୍ତି। ଗ୍ରାମର କାଳିଆ ନାୟକଙ୍କ 'ସାଇ ଟେଣ୍ଟ ହାଉସ୍'ରେ ବାବୁଲି କାମ କରୁଥିଲେ। ସାଆନ୍ଦା ତଳବେରଣା ଗ୍ରାମରେ ଏକ ବିବାହ ଭୋଜି ପାଇଁ ଟେଣ୍ଟ ତିଆରି କରିବାକୁ ଯାଇଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲେ। ଟେଣ୍ଟ ହାଉସ୍ ମାଲିକ ମୃତ ଯୁବକଙ୍କ ପରିବାରକୁ ଶୁଦ୍ଧିକ୍ରିୟା କରିବାକୁ ୨୦ ହଜାର ଟଙ୍କା ଦେଇଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜି ହୋଇଛନ୍ତି। ଏହାପରେ ମୃତଦେହ ପରିବାର ଲୋକେ ଘରକୁ ନେଇଥିଲେ। ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ପୋଲିସ କହିଛି।

### କୂଅରୁ ରଣା ସାପ ଉଦ୍ଧାର



**ପରଜଙ୍ଗ, ୩୦।୬(ଡି.ଏନ.ଏ.)** ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ କଟାବାହାଳ ଗ୍ରାମର ରାମ ପ୍ରଧାନଙ୍କ ଘର ପଛପଟେ ଥିବା କୂଅରୁ ରବିବାର ୫ ଫୁଟ ଲମ୍ବର ଏକ ରଣା ସାପ ଉଦ୍ଧାର କରାଯାଇଛି। ସକାଳେ ପରିବାର ଲୋକେ ପାଣି ଆଣିବାକୁ ଯିବା ସମୟରେ ସାପକୁ ଦେଖିଥିଲେ। ସୂଚନା ପାଇ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ମନୋଜ ନାୟକ ପହଞ୍ଚି ଏହାକୁ ସତର୍କତାର ସହ ଉଦ୍ଧାର କରିଥିଲେ। ସାପକୁ ମହାବିରୋଡ଼ ରେଞ୍ଜର ହରମୋହନ ନାୟକଙ୍କୁ ହସ୍ତାନ୍ତର କରାଯାଇଥିଲା। ଫରେଷ୍ଟର ରାମଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀ ରଣାସାପକୁ ବସୋଇ ନିକଟ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ମେଲଣ ପଡ଼ିଆରେ ସନ୍ଦେହଜନକ କାର୍




**ପରଜଙ୍ଗ, ୩୦।୬(ଡି.ଏନ୍.ଏ.)-** କାମାକ୍ଷାନଗର ଥାନା ମୁକ୍ତାପଶି ମେଲଣ ପଡ଼ିଆରେ ସପ୍ତାହେ ହେଲା ଏକ ଇଣ୍ଡିଗୋ କାର୍ (ଓଡ଼ି ୦୨ ଏଲ ୮୧୨୭) ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇରହିଛି। କେହି ଜଣେ କାର୍‌କୁ ଆଣି ଛାଡ଼ିଦେଇ ପଳାଇଛନ୍ତି। ସେହିଦିନଠାରୁ ନେବାକୁ ଆସୁନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଏ ନେଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ସନ୍ଦେହଜନକ ଅବସ୍ଥାରେ ଏକ କାର୍ ଛଡ଼ା ହୋଇ ରହିଥିବା ସମ୍ପର୍କରେ ସୂଚନା ମିଳିଛି। ଏହାର ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଭୁବନ, ୩୦।୬(ଡି.ଏନ.ଏ.)** ଭୁବନ ସରକାରୀ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାଧାଶ୍ୟାମ ସାହୁ (୭୫)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଶିକ୍ଷକ ସାହୁ ଦୀର୍ଘ ୩୧ବର୍ଷ ଧରି ଭୁବନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିଲେ। ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ କରିବା ସହ ସେ ଆର୍ଥିକ ସହାୟତା ମଧ୍ୟ ଦେଉଥିଲେ। ଜଣେ ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ ଭାବେ ସେ ସୁପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଅନ୍ତିମ ସମୟରେ ପରିବାର ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଶେଷକୃତ୍ୟ କରାଯାଇଛି।

---

■ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# 'ନିର୍ଭୀକ କଲମଚାଳନାରେ ସମାଜର ହିତ'




ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ନିକଟରେ ଅଛନ୍ତି ବିଧାୟକ ସୁଧୀର କୁମାର ସାମଲ, ଏମ୍‌ପି ମହେଶ ସାହୁ ଏବଂ ସଙ୍ଗଠନର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି।

■ ଖବରଦାତାଙ୍କ ଦାବି ପୂରଣ ଚିନ୍ତା କରୁଛନ୍ତି ସରକାର

■ ସଙ୍ଗଠିତ ହୋଇ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୩୦।୬**

ରାଜ୍ୟର ପ୍ରଗତିରେ ଖବରଦାତାଙ୍କ ସହଯୋଗ ଏକାନ୍ତ କାମ୍ୟ। ନିର୍ଭୀକତାର ସହ କଲମ ଚାଳନାରେ ସମାଜର ହିତ ସାଧନ ହୋଇଥାଏ। ଓଡ଼ିଶାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ଦାବି ପୂରଣ କରିବାକୁ ସରକାର ସହୃଦୟତାର ସହ ବିଚାର କରୁଛନ୍ତି। ସଙ୍ଗଠିତ ହୋଇ ସ୍ୱର ଉତ୍ତୋଳନ କଲେ ଦାବି ପୂରଣ ସହଜ ହେବ ବୋଲି କହିଛନ୍ତି ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ। ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସରରେ ରବିବାର ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଶାଖାର ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, କଲମର ଶକ୍ତି ଖଣ୍ଡାଠୁ ବେଶି। ଖବରଦାତାମାନେ ସଙ୍ଗଠିତ ହୋଇ କାର୍ଯ୍ୟକଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଅନ୍ୟତମ ଅତିଥିଭାବେ ବିଧାୟକ ସୁଧୀର କୁମାର ସାମଲ କହିଲେ, ମିଡିଆ ହାଉସ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ସୁବିଧା ଲାଗି ମାଲିକମାନେ ଆପାତ୍‌କାଳୀନ କଲ୍ୟାଣ ପାଣ୍ଠି ଗଠନ କରିବା ଆବଶ୍ୟକ। ସେହିପରି ଗଣମାଧ୍ୟମ ପ୍ରତିଷ୍ଠାନଗୁଡ଼ିକରେ ମହିଳାଙ୍କ ସଂଖ୍ୟା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟବକ୍ତା ଜିଲା ପ୍ରେସ୍ କ୍ଲବ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥ ଆଲୋଚନାରେ ଭାଗନେଇ କହିଲେ, ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ସଂଖ୍ୟା ବିଷୟରେ ସରକାରଙ୍କ ପାଖରେ ତଥ୍ୟ ରହିବା ଜରୁରୀ। ଝଡ଼ଝଞ୍ଜା ସହି ସାମାଜିକ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ଖବରଦାତାଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ସେ ଦାବି କରିଥିଲେ। ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଲେ, ଖବରଦାତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ମହାରାଷ୍ଟ୍ରରେ ବିଲ୍ ପାସ୍ ହୋଇଛି। ଏହି ଢାଞ୍ଚାରେ ଓଡ଼ିଶା ସରକାର ବିଲ୍ ଆଣିବାକୁ ସେ ଦାବି କରିଛନ୍ତି। ଏହି ଅବସରରେ ଖବରଦାତାଙ୍କ ବିଭିନ୍ନ ସମସ୍ୟାକୁ ନେଇ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନନ୍ଦ, ଜିଲା ସଭାପତି ଶିଶିର କୁମାର ଶତପଥୀ, ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ବରିଷ୍ଠ ଉପଦେଷ୍ଟା ସୁକାନ୍ତ ମିଶ୍ର, ଶଶିମୌଳି ରଥ, ବିନୋଦ ମହାନ୍ତି, ଦେବାଶିଷ ମିଶ୍ର, ଅରବିନ୍ଦ ସାହୁ, ଅଥୟ ସାହୁ, ଦୀନେଶ ଦାସ, ଆଦିତ୍ୟ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ମାନସ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରାରମ୍ଭରେ ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶ, ଶହୀଦ ଅଜିତ ସାହୁ ଏବଂ ଓୟୁଜେର ଦିବଂଗତ ସଦସ୍ୟଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅପରାହ୍ନ ଅଧିବେଶନରେ ବିଭିନ୍ନ ଜିଲା ସଙ୍ଗଠନର ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ କଲେଜ ପରିସରରେ ଅତିଥିମାନେ ଚାରା ରୋପଣ କରିଥିଲେ।

---

ସେଲ୍ଫି କର୍ଣ୍ଣର



@ ପ୍ରିୟତମା



@ ରାକେଶ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

---

■ ଗୋପବନ୍ଧୁ ସେବା ଦିବସ ପାଳନ ପ୍ରସ୍ତୁତି ବୈଠକ

# ସମ୍ମାନିତ ହେବେ ସଙ୍ଗଠନ, ବ୍ୟକ୍ତି

**ଢେଙ୍କାନାଳ ଅଫିସ, ୩୦।୬**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜୁଲାଇ ୩ରେ ପାଳିତ ହେବ ଗୋପବନ୍ଧୁ ସେବା ଦିବସ। ସଭାପତି ପ୍ରଦ୍ୟୁମ୍ନ ରଥ ବୈଠକରେ ଅଧ୍ୟକ୍ଷତା କରି କହିଲେ, ସେବାର ପ୍ରତୀକ ଥିଲେ ଗୋପବନ୍ଧୁ। ତାଙ୍କ ପଦାଙ୍କ ଅନୁସରଣ କରି ୨୦୧୮ରୁ ଅନୁଷ୍ଠାନ ପକ୍ଷରୁ ଏହା ପାଳିତ ହୋଇଆସୁଛି। ଏହି ଅବସରରେ ଜିଲାର ଏକ ପଛୁଆ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରାଯିବ। ଉକ୍ତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଲାଗି ନିରନ୍ତର ପ୍ରୟାସ କରାଯିବ। ଏଥିସହ ନିଃସ୍ୱାର୍ଥପର ସେବା କରୁଥିବା ୨ ଅନୁଷ୍ଠାନ, ୩ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ଏ ନେଇ ପ୍ରସ୍ତାବ ଗୃହୀତ ହୋଇଛି।

କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନ କରିବାକୁ ଉପସଭାପତି ଅଖିଳ ମହାପାତ୍ର, ପଙ୍କଜ ନାୟକ, ସଭ୍ୟ ଡା. ତୁଷାରକାନ୍ତ ନାୟକ, ରୁଦ୍ରପ୍ରକାଶ ଶରଣ, ବିଶ୍ୱନାଥ ମହାପାତ୍ର, ଚକ୍ରଧର ତରାଇ, ରଜନୀକାନ୍ତ ମଲ୍ଲିକ, ଗୌତମ ପାଲ୍, ସରୋଜ ଶତପଥୀ, ଦୟାନିଧି ବେହେରା, ଦୀପକ ପଟ୍ଟନାୟକ, ଇନ୍ଦ୍ରମଣି ନାୟକ, ନୀଳମଣି ସେଠୀ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ପାଦକ ଭରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଫୋରମ୍‌ର ସଦସ୍ୟମାନେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

**ସାତମାଇଲ, ୩୦।୬(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଅଞ୍ଚଳର ସୁପରିଚିତ କଳାକାର ତଥା ସାମାଜିକ କର୍ମୀ ସୁଧାକର ଦେହୁରୀଙ୍କ ଏକାଦଶାହ ଅବସରରେ ବାଘଧରିଆସ୍ଥିତ ତାଙ୍କ ବାସଭବନରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। କବି ମୁରାରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ସୀମାରାଣୀ ନାୟକ, ଭାଜପା ନେତା ରୁଦ୍ର ନାରାୟଣ ପାଣି, ଜନତା କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମିଶ୍ର, ମା' ମହାକାଳୀ ଦଣ୍ଡ ନୃତ୍ୟ ସାଂସ୍କୃତିକ ପରିଷଦର ସଭାପତି ଅଭୟ ଆଚାର୍ଯ୍ୟ ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଜଣେ ସାମାଜିକ କର୍ମୀ, କଳାକାର ଭାବେ ସୁଧାକର ଅଞ୍ଚଳବାସୀଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳ ଜଣେ ଗୁଣୀ ଲୋକଙ୍କୁ ହରାଇଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜନତା କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ, ଦଣ୍ଡନୃତ୍ୟ କଳାକାର ଉପସ୍ଥିତ ରହି ସୁଧାକରଙ୍କ ସ୍ମୃତିଚାରଣ କରିଥିଲେ।

■ କଳାକାର ଭତ୍ତା ପ୍ରହସନ

# ୨ମାସ ଦେଇ ଭୁଲିଗଲେ

**ଭାପୁର, ୩୦।୬(ଡି.ଏନ୍.ଏ.)**

କଳାକାରଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ଦେଉଛନ୍ତି ଭତ୍ତା। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଧାରୀଙ୍କୁ ଖୋଜିବା, ସେମାନଙ୍କ ପଞ୍ଜୀକରଣ କରାଇବା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିରେ ତାଲିକାଭୁକ୍ତ ହୋଇଛନ୍ତି ଢେଙ୍କାନାଳ ଜିଲାର ଶତାଧିକ କଳାକାର। ହେଲେ ୨ମାସର ଭତ୍ତା ପ୍ରଦାନ ପରେ ସେମାନଙ୍କୁ ସତେ ଯେମିତି ଭୁଲିଯାଇଛନ୍ତି ସରକାର। କଳାକୁ ବଞ୍ଚାଇ ରଖିବାକୁ ସଂଘର୍ଷ କରୁଥିବା କଳାର ପୂଜାରୀ ଆର୍ଥିକ ସମସ୍ୟାରେ ଘାଣ୍ଟି ହେଉଥିବାବେଳେ କଳାକାର ଭତ୍ତା ଯୋଜନା ପ୍ରହସନ ପାଲଟିଥିବା ସେମାନେ ଅଭିଯୋଗ କରିଛନ୍ତି।

ସଦର ବ୍ଲକ ଭାପୁର ପଞ୍ଚାୟତ ଅନ୍ତର୍ଗତ ବେଗୁନିଆପାଳ, କରଡ଼ାମଡ଼ା ଗ୍ରାମର ୨୦ରୁ ଊର୍ଦ୍ଧ୍ୱ କଳାକାର ଭତ୍ତା ଯୋଜନାରେ ସାମିଲ ହୋଇଛନ୍ତି। 'ପିଠା' କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ନଭେମ୍ବର ଏବଂ ଡିସେମ୍ବରର ଭତ୍ତା ବାବଦକୁ ୨୪୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅନ୍ୟପଟେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୭୦ ପାର୍ କଲାଣି। ସେମାନେ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ହେଲେ କଳାକାର ଭତ୍ତା ପାଇବା ପରେ ସେମାନଙ୍କୁ ସେଥିରୁ ବାଦ୍ ଦିଆଯାଇଛି। ଦୀର୍ଘ ୬ମାସ ହେଲା କଳାକାର ଭତ୍ତା ମିଳୁ ନ ଥିବାରୁ ସେମାନେ ଏବେ ଦୟନୀୟ ଅବସ୍ଥାରେ ଚଳୁଛନ୍ତି।

ଏ ନେଇ ବେଗୁନିଆପାଳ ଗ୍ରାମର ଚନ୍ଦ୍ରମଣି ଖଟୁଆ, ନବକିଶୋର ଖଟୁଆ, ଲିଙ୍ଗରାଜ ସାମଲ, କିଣାକାର ନାଥ, ଜୟକୃଷ୍ଣ ମୁଦୁଲି, ବାଳକୃଷ୍ଣ ମୁଦୁଲି, ବ୍ରଜବନ୍ଧୁ ସାହୁ କୁହନ୍ତି, କଳାକାର ଭତ୍ତା ଦିଆଯିବା ପରେ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ କରିଦେଇଛନ୍ତି। ଏବେ ନା କଳାକାର ଭତ୍ତା ମିଳୁଛି, ନା ଦେଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା। ବଡ଼ କଷ୍ଟରେ ଚଳିବାକୁ ପଡୁଛି। ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ। ସମସ୍ୟା ସଂକ୍ରାନ୍ତରେ ସଦର ବ୍ଲକ ଏବିଡିଓ ଝାଡ଼େଶ୍ୱର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କୁହନ୍ତି, କଳାକାରଙ୍କ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଆକାଉଣ୍ଟ ମାଧ୍ୟମରେ ସିଧାସଳଖ ଟଙ୍କା ଦିଆଯିବା ବ୍ୟବସ୍ଥା କରାଯାଇଥିଲା। ତଦନୁଯାୟୀ ପରିଚୟପତ୍ର, ଆକାଉଣ୍ଟ ନମ୍ବର ସଂଗ୍ରହ କରାଯାଇଥିଲା। ଏବେ ପୁଣି ବ୍ଲକ ପ୍ରଶାସନ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଆସିଛି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବା ଆଶା କରାଯାଉଛି।

---

# ପାଟ୍ରୋଲିଂ ଉପରେ ଗୁରୁତ୍ୱ




ବୈଠକରେ ଥାନାଧିକାରୀ, ଆମ ପୋଲିସ ସମିତି ସଦସ୍ୟଙ୍କ ସମେତ ଅନ୍ୟମାନେ।

**ସାତମାଇଲ, ୩୦।୬(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାଲିମି ଥାନା ପରିସରରେ ରବିବାର ଆମ ପୋଲିସ ସମିତି ବୈଠକ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା, ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଆଖିଦୃଶିଆ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା।

ପ୍ରାରମ୍ଭରେ ନୂତନ କରି ଥାନାରେ ଯୋଗଦେଇଥିବା ଥାନାଧିକାରୀଙ୍କୁ ସମସ୍ତ ସଦସ୍ୟ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ତଥା ଆମ ପୋଲିସ ସମିତି ସଦସ୍ୟ ଦୀପ୍ତିକାନ୍ତ ପ୍ରଧାନ, କୃଷ୍ଣ ନାଏକ, ପ୍ରାଣବନ୍ଧୁ ଖୁଣ୍ଟିଆ, ମାଧବ ନାଏକ, ଦିଲୀପ ସାହୁ, ବଳରାମ ସାହୁ, ଗୌରାଙ୍ଗ ସାହୁ, ଏସ୍‌ଆଇ ଦୀପ୍ତିରଞ୍ଜନ ପ୍ରଧାନ, ଏଏସ୍‌ଆଇ ଦୁର୍ଯ୍ୟୋଧନ ପାଢ଼ୀ, ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**ଆମ ପୋଲିସ ସମିତି ବୈଠକ**

### ସିଡିଏମ୍‌ଓଙ୍କ ଅଚାନକ ଗସ୍ତ: ୩ ଡାକ୍ତରଙ୍କ ଦରମା ବନ୍ଦ

**ଅନୁଗୋଳ ଅଫିସ,୩୦।୬**

ଅନୁଗୋଳ ଭାରପ୍ରାପ୍ତ ସିଡ଼ିଏମ୍‌ଓ ପ୍ରତାପ କୁମାର ବେହେରା ଅଚାନକ ମାଧପୁର ଓ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ପ୍ରଥମେ ମାଧପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ୨ ଜଣ ଡାକ୍ତର ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ। ପରେ ଉଭୟ ଡାକ୍ତରଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ସୂଚନା ମିଳିଛି। ସେହିପରି ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ କରି ସେଠାରେ ଜଣେ ଡାକ୍ତର ବିନା ଛୁଟି ମଞ୍ଜୁରରେ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରିକରାଯିବା ସହ ଦରମା ବନ୍ଦ କରିଥିବା ଜଣାପଡ଼ିଛି। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

■ ଭାଜପାର ସଦସ୍ୟତା ଅଭିଯାନ ପ୍ରସ୍ତୁତି

# ଜିଲାରେ ଅଧିକ ୨୦% ସଭ୍ୟ ସଂଗ୍ରହ ଲକ୍ଷ୍ୟ

■ ଜୁଲାଇ ୬ରୁ ଅଗଷ୍ଟ ୧୧ ଯାଏ ଚାଲିବ

■ କାର୍ଯ୍ୟକ୍ରମ ଶୃଙ୍ଖଳିତ କରିବାକୁ ପ୍ରଭାରୀ ଚୟନ

**ଢେଙ୍କାନାଳ ଅଫିସ, ୩୦।୬**

ସାଙ୍ଗଠନିକ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଢେଙ୍କାନାଳରେ ଭାଜପା ଆରମ୍ଭ କରିବ ନୂତନ ସଦସ୍ୟତା ଅଭିଯାନ। ଜିଲାରେ ଅଧିକ ୨୦% ସଭ୍ୟଙ୍କୁ ସଙ୍ଗଠନରେ ସାମିଲ କରାଯିବ। ଜୁଲାଇ ୬ରୁ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୧ଯାଏ ଚାଲିବ। ଏହି କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବାକୁ ରବିବାର ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କାର୍ଯ୍ୟକାରିଣୀ ସଭ୍ୟ ନରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କୁ ଜିଲା ସଦସ୍ୟତା ପ୍ରମୁଖ, ସମ୍ପାଦକ ମାତୃପ୍ରସାଦ ନନ୍ଦଙ୍କୁ ସହ ସଦସ୍ୟତା ପ୍ରମୁଖ ଏବଂ ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣିଙ୍କୁ ଜିଲା ସଦସ୍ୟତା ପ୍ରଭାରୀ ଭାବେ ଘୋଷଣା କରାଯାଇଛି।

ଜୁଲାଇ ୬ରୁ ଅଗଷ୍ଟ ୧୧ ମଧ୍ୟରେ ଜିଲାର ସମସ୍ତ ୮ ମଣ୍ଡଳରେ ସଦସ୍ୟ ସଂଗ୍ରହ ଅଭିଯାନ ଚାଲିବ। କେନ୍ଦ୍ରୀୟ ସଙ୍ଗଠନର ଲକ୍ଷ୍ୟ ଅନୁଯାୟୀ ୨୦ ପ୍ରତିଶତ ଅଧିକ ନୂତନ ସଦସ୍ୟଙ୍କୁ ଦଳରେ ସାମିଲ କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରତି ମଣ୍ଡଳରେ ଜଣେ ସଦସ୍ୟତା ପ୍ରମୁଖ, ଜଣେ ସହ ସଦସ୍ୟତା ପ୍ରମୁଖଙ୍କୁ ଚୟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସାଧାରଣ ନିର୍ବାଚନରେ ଭାଜପାର ଭୋଟହାର ବଢ଼ିଛି। ଏଥିପାଇଁ ଜିଲାବାସୀଙ୍କୁ ନେତୃବୃନ୍ଦ ଧନ୍ୟବାଦ ଦେଇଛନ୍ତି।

ସଙ୍ଗଠନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବା ପବିତ୍ର ବିଶ୍ୱାଳ, ଶତ୍ରୁଘ୍ନ ଜେନା, ସୁନୀଲ ଶର୍ମା, ନବକିଶୋର ଗୁରୁ, କୃଷ୍ଣଚନ୍ଦ୍ର ସାହୁ, ପ୍ରେମାନନ୍ଦ ଜେନା, ନୀରଦ ସାହୁ, ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ଦୁର୍ଗାଚରଣ ନାୟକ, ରାମଚନ୍ଦ୍ର ପାତ୍ର, ରତିକାନ୍ତ ସାହୁ, ନିରୋଜ ନଳିନୀ ମହାଲିକ, ଅନିତା ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜୁଲାଇ ୧ /୨୦୧୯ Dhenkanal, Monday, July 1 / 2019




## ସଂକ୍ଷେପରେ

### ଶିଶିର କୁମାର ଅନୁଗୋଳ ସିଡିଏମ୍‌ଓ

ଅନୁଗୋଳ ଅଫିସ, ୩୦।୬- ଦୀର୍ଘ ଦିନ ଧରି ଖାଲି ପଡିଥିବା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ପଦବୀରେ ଶିଶୁ ବିଶେଷଜ୍ଞ ଶିଶିର କୁମାର ରଥଙ୍କୁ ଅବସ୍ଥାପିତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୨ ଜଣ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଦଳ ବଦଳ କରାଯାଇଥିବାବେଳେ ଅନୁଗୋଳ ପାଇଁ ଶିଶିରଙ୍କୁ ଦାୟିତ୍ୱ ମିଳିଛି। ରଥ ପୂର୍ବରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିଲେ। ଖୁବ୍ ଶୀଘ୍ର ସେ କାର୍ଯ୍ୟରେ ଯୋଗଦେବେ ବୋଲି ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଯୁବକଙ୍କୁ ଆକ୍ରମଣ, ୩ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୩୦।୬- ଅନୁଗୋଳ ଜିଲା ହୁଲୁରୁସିଂହା ଅଞ୍ଚଳର ବାପି ବେହେରାଙ୍କୁ ରବିବାର ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ନଂ. ୪୮୧/୧୯ରେ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ଅମୂଲ୍ୟ ନାଏକ, ଧ୍ରୁବ ନାଏକ ଓ ଶିବ ନାଏକ। ଅଭିଯୋଗ ମୁତାବକ, ବାପି ମଧ୍ୟାହ୍ନରେ ଗାଁ ରାସ୍ତାରେ ଫୋନରେ କଥା ହେଉଥିବାବେଳେ ଅମୂଲ୍ୟ କାହିଁକି ଆମ ଘର ନିକଟରେ କଥା ହେଉଛୁ ବୋଲି କହିବା ସହ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଧ୍ରୁବ ଓ ଶିବ ସହଯୋଗ କରିଥିଲେ। ଗୁରୁତର ଅବସ୍ଥାରେ ବାପିଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ବାପିଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଘରୁ ନାଗ ଉଦ୍ଧାର



ଛେଣ୍ଡିପଦା,୩୦।୬(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ଗଉଡନାଳୀ ସାହିର ଟିକୁନ ମାଝୀଙ୍କ ଘରୁ ଶନିବାର ରାତିରେ ଏକ ୬ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ଟିକୁନଙ୍କ ପରିବାର ଲୋକ ଶୋଇଥିବାବେଳେ ସାପ ଗର୍ଜନ ଶୁଣି ଉଠି ପଡ଼ିଥିଲେ। ସ୍ନେକହେଲ୍‌ପ ଲାଇନ ସଦସ୍ୟ ହିମାଂଶୁ ଦେହୁରୀ ଓ ଅନ୍ୟମାନେ ସୂଚନା ପାଇ ସେଠାରେ ପହଞ୍ଚି ନାଗକୁ ଉଦ୍ଧାର କରିଥିଲେ। ପରେ ବନ ବିଭାଗକୁ ଜଣାଇ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

### ସାପ କାମୁଡ଼ାରେ ବାଳକ ମୃତ

ଅନୁଗୋଳ ଅଫିସ, ୩୦।୬- ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ଅଞ୍ଚଳର ୮ ବର୍ଷର ବାଳକ ରୋହିତ ଗୋଚ୍ଛାୟତଙ୍କ ରବିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଅପରାହ୍ନରେ ରୋହିତ ଖେଳୁଥିବା ସମୟରେ ତାଙ୍କୁ ଏକ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଆଦର୍ଶ ସ୍କୁଲ କ୍ୟାମ୍ପସ ନିର୍ମାଣ ସରିଲାନି

# ଛେଣ୍ଡିପଦା ହାଇସ୍କୁଲରେ ଶିକ୍ଷାଦାନ

- ଧିମେଇଛି ସ୍କୁଲ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ
- ୧୦ ମାସ ପରେ ବି ଶେଷ ହୋଇପାରିଲାନି
- ଛାତ୍ରୀଛାତ୍ରଙ୍କୁ ଯିବାକୁ ପଡୁଛି ୩୦ କିମି

ଛେଣ୍ଡିପଦା,୩୦।୬(ଡି.ଏନ.ଏ.)



ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ କ୍ୟାମ୍ପସ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ ପଞ୍ଚାୟତ ଗୋପୀନାଥପୁର ଗ୍ରାମଠାରେ ଚଳିତ ବର୍ଷ ନୂତନ କରି ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ପ୍ରବେଶିକା ପରୀକ୍ଷା ହୋଇଥିଲା। ପ୍ରଥମ କରି କେବଳ ଷଷ୍ଠ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ମୋଟ ୮୧ ଜଣ ଏଥିରେ ନାମ ଲେଖାଇଛନ୍ତି। ହେଲେ ଶିକ୍ଷାଦାନ ଆରମ୍ଭ ହୋଇସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟର କ୍ୟାମ୍ପସ ନିର୍ମାଣ କାମ ଶେଷ ହୋଇପାରିନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଛେଣ୍ଡିପଦା ସରକାରୀ ହାଇସ୍କୁଲକୁ ଯାଇ ପାଠ ପଢୁଛନ୍ତି। ଆଦର୍ଶ ପିଲାଙ୍କ ପାଇଁ ସରକାରୀ ସ୍କୁଲରେ ମାତ୍ର ଗୋଟିଏ ଶ୍ରେଣୀଗୃହ ଯୋଗାଯାଇଛି। ଏଥିଯୋଗୁ ଗୋଟିଏ ଘରେ ୮୧ ଛାତ୍ରୀଛାତ୍ର ବସି ପାଠ ପଢିବାରେ ସମସ୍ୟା ଉପୁଜୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

ଛେଣ୍ଡିପଦା ବ୍ଲକରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଗଣଶିକ୍ଷା ବିଭାଗ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଗୋପୀନାଥପୁର ମୌଜାର ଏକ ସରକାରୀ ଜାଗାରେ ନୂତନ କ୍ୟାମ୍ପସର ଗତ ୧୧/୦୭/୨୦୧୮ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତଦନୁଯାୟୀ ବିଦ୍ୟାଳୟର ଶ୍ରେଣୀ ଗୃହ, ଅଫିସ, ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ସାଙ୍ଗକୁ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୩ କୋଟି ୧୬ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଅନୁଗୋଳ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏକ ଠିକାସଂସ୍ଥା ମାଧ୍ୟମରେ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହା ମନ୍ଥର ଗତିରେ ଚାଲିଛି। ଅନ୍ୟପକ୍ଷରେ ସରକାରୀ ନିୟମାନୁଯାୟୀ ଅଦ୍ୟାବଧି ଏହି ଶିକ୍ଷାନୁଷ୍ଠାନ ପାଇଁ କୌଣସି ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାସହିତ କୌଣସି ହଷ୍ଟେଲ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ପ୍ରତିଦିନ ପ୍ରାୟ ୨୫ରୁ ୩୦ କିମି ଦୂରରୁ ଛେଣ୍ଡିପଦା ସରକାରୀ ହାଇସ୍କୁଲକୁ ଆସୁଛନ୍ତି। ତେଣୁ ତୁରନ୍ତ ନୂତନ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଛେଣ୍ଡିପଦା ବ୍ଲକ ଶିକ୍ଷା ଅଧିକାରୀ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାହୁ କହିଛନ୍ତି, ନିକଟରେ ଶିକ୍ଷା ବିଭାଗର ଏକ ଟିମ୍ ପହଞ୍ଚି ଶିକ୍ଷାଦାନ ବ୍ୟବସ୍ଥା ତଦାରଖ କରିବା ସହ ନିର୍ମାଣାଧୀନ କ୍ୟାମ୍ପସ ପରିଦର୍ଶନ କରିଥିଲେ। ଏହାର ଅଗ୍ରଗତି ପାଇଁ ବିଭାଗୀୟ ସହକାରୀ ଯନ୍ତ୍ରୀ ତଥା ନିୟୋଜିତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଅନୁଗୋଳ ଗ୍ରାମ୍ୟ ନିର୍ମାଣ ବିଭାଗ ଛେଣ୍ଡିପଦା ସେକ୍ସନ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ପ୍ରଧାନ କହିଛନ୍ତି, କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଚାଲିଛି। ଦାୟିତ୍ୱ ନେଇଥିବା ଠିକାସଂସ୍ଥାକୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦିଆଯାଇଛି।



ଛେଣ୍ଡିପଦା ସରକାରୀ ହାଇ ସ୍କୁଲରେ ଆଦର୍ଶ ଛାତ୍ରୀଛାତ୍ରମାନେ ପଢୁଛନ୍ତି।

# ଶିକ୍ଷାର ବିକାଶରେ ଇଗ୍ନୋର ଭୂମିକା ଗୁରୁତ୍ୱପୂର୍ଣ୍ଣ




ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଇଗ୍ନୋ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ର।

ବଇଣ୍ଡା,୩୦।୬(ଡି.ଏନ.ଏ.)

ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ଛାତ୍ରୀଛାତ୍ରମାନେ କିଭଳି ସୁବିଧାରେ ପାଠପଢ଼ି ପାରିବେ ସେଥିପ୍ରତି ଇଗ୍ନୋ ଅଧିକ ଗୁରୁତ୍ୱ ଦେଇଥାଏ। ଏଠାରେ ଅଧିକାଂଶ ପିଲା ମାଗଣାରେ ପାଠ ପଢ଼ି ସେମାନଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁଛନ୍ତି। ତେଣୁ ଶିକ୍ଷାର ବିକାଶ ଉପରେ ଇଗ୍ନୋର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଇଗନୋ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ବିଶ୍ୱ ଯୁବକେନ୍ଦ୍ର ସଭାପତି ଡ. ନନ୍ଦକିଶୋର ମହାଖୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ଅଧ୍ୟାପକ ସିଦ୍ଧାର୍ଥ କୁମାର ପଣ୍ଡା, ସଂଗ୍ରାମ କେଶରୀ ସାହୁ, ସୁଧାକର ସାହୁ, ଶ୍ରବଣ କୁମାର ନାଏକ, ଡ. ସବିତା ପଟ୍ଟନାୟକ, ବସନ୍ତ କୁମାର ପ୍ରଧାନ, କ୍ଷେତ୍ରବାସୀ ପଣ୍ଡା, କୃଷ୍ଣଚନ୍ଦ୍ର ଧୀରବିଶୋଇ, ଗୁଣନିଧି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନରେ ନୂତନ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯିବା ପାଇଁ ଆଲୋଚନାଚକ୍ରରେ ପ୍ରସ୍ତାବ ଆଗତ ହୋଇଥିଲା। କଲେଜ ଓ ୟୁନିଭର୍ସିଟିଗୁଡିକର ନିୟମିତ ଛାତ୍ରୀଛାତ୍ରମାନେ ମଧ୍ୟ ଇଗ୍ନୋରେ କୋର୍ସ କରିପାରିବେ ବୋଲି ସଂଯୋଜକ କହିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦିକା ନମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୬ ମାସ ପରେ ବି ଆସିଲାନି ଭିସେରା ରିପୋର୍ଟ

## ଚନ୍ଦନପୁର ମଦ ମୃତ୍ୟୁ ଘଟଣା

ଅନୁଗୋଳ ଅଫିସ, ୩୦।୬

ଅନୁଗୋଳ ଜିଲା ବନ୍ତଲା ଥାନା ଚନ୍ଦନପୁରଠାରେ ଏକ କୁକୁଡା ଫାର୍ମରେ ବିଷାକ୍ତ ମଦ ପିଇ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ୬ ମାସ ପୂରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭିସେରା ରିପୋର୍ଟ ଆସିପାରିନାହିଁ। ପୋଲିସ ତଦନ୍ତରେ ଶିଥିଳତା ଯୋଗୁ ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡି ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।

ଚନ୍ଦନପୁରରେ ଥିବା ଅରୁଣ ସିଂହଙ୍କ କୁକୁଡ଼ା ଫାର୍ମରେ ସୁନ୍ଦରଗଡ଼ ଜିଲା କୋଇଡା ଅଞ୍ଚଳର ବୁଦୁନି ନାଏକ(୪୦) ଓ ବିମଳା ନାଏକ(୫୦) କାମ କରୁଥିଲେ। ଗତ ବର୍ଷ ଡିସେମ୍ବରରେ ଉଭୟେ ମଦ୍ୟପାନ କରି ଶୋଇଥିବା ଅଭିଯୋଗ ହୋଇଥିଲା। ସକାଳେ ସେମାନେ ନ ଉଠିବାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ପକ୍ଷରୁ ଭିସେରା ରିପୋର୍ଟ ପାଇଁ ଭୁବନେଶ୍ୱରର ପରୀକ୍ଷାଗାରକୁ ନମୁନା ପଠାଯାଇଥିଲା। ହେଲେ ଅଦ୍ୟାବଧି ରିପୋର୍ଟ ଆସି ନ ଥିବା ଜଣାପଡିଛି।

ବନ୍ତଲା ଥାନା ଅଧିକାରୀ ପ୍ରଦୀପ ପ୍ରଧାନଙ୍କ ୯୪୩୭୧୫୩୦୩୩ ମୋବାଇଲ ନମ୍ବରକୁ ଫୋନ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ। ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଘଟଣାକୁ ବହୁତ ଦିନ ହେଲାଣି। ରିପୋର୍ଟ ଆସିଯିବା କଥା। କିନ୍ତୁ କେଉଁ କାରଣରୁ ଆସି ନାହିଁ ସେ ନେଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବି ବୋଲି କହିଛନ୍ତି। ଏହା ପୂର୍ବରୁ ମଧ୍ୟ ଅନୁଗୋଳ ତଳଗଡ଼ ଅଞ୍ଚଳର ୩ ଜଣ ଲୋକ ମଦ ପିଇ ମୃତ୍ୟୁ ବରଣ କରିଥିଲେ। ଏହା ସତ୍ତ୍ୱେ ମଦ ରନ୍ଧା ଓ ବିକ୍ରି ଉପରେ କଟକଣା ଲଗାଯାଉ ନ ଥିବାରୁ ଅଞ୍ଚଳରେ ବେଆଇନ ଭାବେ ଏହି କାରବାର ଚାଲିଥିବା ଅଭିଯୋଗ ହେଉଛି।

# ମେଧାବୀ ମଧୁସ୍ମିତା ସମ୍ମାନିତ



ଅନୁଗୋଳ ଅଫିସ/ବନ୍ତଲା, ୩୦।୬ (ଡି.ଏନ୍.ଏ)

ଯୁକ୍ତ ୨ କଳାରେ ଅନୁଗୋଳ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବନ୍ତଳାର ଛାତ୍ରୀ ମଧୁସ୍ମିତା ବେହେରାଙ୍କୁ ଅନୁଗୋଳ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ସଙ୍ଗଠନର ଜିଲା ସଭାପତି ରାମଚନ୍ଦ୍ର ରାଉତରାୟଙ୍କ ତାମ୍ରିତ କଲୋନୀ ସ୍ଥିତ କାର୍ଯ୍ୟାଳୟରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମଧୁସ୍ମିତାଙ୍କୁ ସଙ୍ଗଠନ ପକ୍ଷରୁ ଅନୁଗୋଳ ଜିଲା ପ୍ରତିଭା ସମ୍ମାନ–୨୦୧୯ରେ ସମ୍ମାନିତ କରାଯାଇଥିଲା। ଏଥିସହ ସହରର ବିଶିଷ୍ଟ ବ୍ୟବସାୟୀ ବିକାଶ ସରଳିଆ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ୩ ବର୍ଷ ପର୍ଯ୍ୟନ୍ତ କଲେଜ ଅଧ୍ୟୟନର ସମସ୍ତ ଖର୍ଚ୍ଚ ସେ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଇନଜୀବୀ ଅରବିନ୍ଦ ସାହୁ ତାଙ୍କୁ ପାଠ୍ୟ ପୁସ୍ତକ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସଙ୍ଗଠନର ଉପସଭାପତି ଶରତ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅର୍ଜ୍ଜୁନ କୁମାର ମୁଦୁଲି, ଅନୁପ ସେନଗୁପ୍ତା, ମମତା ପଟ୍ଟନାୟକ, ବେନଜିର ଷଡ଼ଙ୍ଗୀ, ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ